# ଛାଇ ଆଲୁଅର କଥା

ଡକ୍ଟର ଚନ୍ଦନ କୁମାର ସିଂହ







# ପିଲାଙ୍କର ଇତିହାସ ଅଛି, ଭୂଗୋଳ ନାହିଁ

ପିଲାଟିଏ। ଆମ ପିଲା, ଆପଣଙ୍କ ପିଲା, ଏଗୁଡ଼ାର ପିଲା, ଆରାଗୁଡ଼ାର ପିଲା, ବଣ୍ଡେଇଗୁଡ଼ାର ପିଲା, ମୁଣ୍ଡାଗୁଡ଼ାର ପିଲା, ବନ୍ଧୁ ଗୁଡ଼ାର ପିଲା, ପଣସପଦରର ପିଲା। କେତେ ସରାଗର ମୁହଁଟିମାନ, କେଡ଼େ ଉଚୁଳି ଆସୁଥିବା ମନର କେଡ଼େ କେଡ଼େ ଖୁସାଟିମାନ। ଛୁଇଁ ହୋଇଯାଏ ସିନା, ଧରିବାକୁ ହାତପାଏ ନାହିଁ। ପ୍ରତି ପିଲାର ଚିହ୍ନା ନିଅଁଟିଏ ଅଛି, ତା' ଆଗରେ ରାସ୍ତାଟିଏ, ପଡ଼ିଆଟିଏ, ଡଙ୍ଗରଟିଏ, ନାଳଟିଏ, ସକାଳ ଓ ସଞ୍ଜ ହାତ ଧରାଧରି ହୋଇ ନଇଁ ଆସନ୍ତି ତା' ଦିହ ଉପରକୁ, ତା' ମନ ଉପରକୁ। ଏମୁଣ୍ଡରେ ହେଉ ବା ଆରମୁଣ୍ଡରେ ହେଉ, ଏ ପଡ଼ାରେ ହେଉ ଅବା ଆର ପଡ଼ାରେ ହେଉ। ପ୍ରତି ପିଲାର ଖୁବ୍ ନିଜର ଏକ ନିରୁତା ଇତିହାସ ଅଛି। ସେହି ଇତିହାସ ହେଉଛି ଓଡ଼ିଆ ଅଦେଖା ପୁଞ୍ଜି। ତାହାକୁ ବହୁତ କରି ପିଲାଏ ବଢୁଥାନ୍ତି। ସ୍କୁଲ ଗେଟ୍ ଖୋଲି ଭିତରକୁ ଆସୁ ଆସୁ ଆଉ ଫେରନ୍ତା ସମୟରେ ସ୍କୁଲ ଗେଟ୍ ବନ୍ଦ କରି ଆଗକୁ ପାଦ ବଢ଼ାଉ ବଢ଼ାଉ ଏହି ପୁଞ୍ଜିରେ କମା ଲାଗେ, କେବେହେଲେ ପୂର୍ଣ୍ଣଚ୍ଛେଦ ପଡ଼େନାହିଁ। ଏହି ପୁଞ୍ଜାଏ ଫୁଜିରୁ ପିଲାର ଇତିହାସକୁ ବୁଝିହୁଏ, ତାକୁ ନିଘାକରି ହୁଏ। ତେବେ ଯାଇ ତା' ନିକଟକୁ ଯାଇହୁଏ। ସେ ସକାଳୁ ସକାଳୁ କେତେଟା କାନମୋଡ଼ା ଖାଇ ପଢ଼ିବାକୁ ଆସିଛି ନା ଖାଲି ପେଟରେ ଆସିଛି, ପିଲାର ଇତିହାସରେ ଏହା ଖୁବ୍ ବେଶୀ ଏକ ମେରୁଖୁଣ୍ଟ। ଏହାକୁ କେନ୍ଦ୍ରରେ ରଖି ପିଲାର ପୃଥିବୀ। ଗଛ ଅଗକୁ ନଗି ସିନା ପାଏ ନାହିଁ, ମାତ୍ର ପିଲାଙ୍କ ଆଖି ନଗି ଠାରୁ ଆହୁରି ଅଧିକା। କେଉଁ ପଣସ ଲୁଦୁ ଲୁଦୁ ଦେଖାଯାଉଛି, ଗଛତଳକୁ ଆସି ପିଲାଏ ଘଡିଏ ଠିଆ ହୋଇ ନିଘାକରି ଦେବେ। ସଳଖରେ ଢେଲାମାରି ଖସାଇ ଆଣିବେ ଲୁଦୁ ଲୁଦୁ ପଣସଟିକୁ। ମେଣ୍ଟବାନ୍ଧି ଭୋକ ମେଣ୍ଟାଇନେବେ କାହାକୁ ନ ଅନାଇ। ଡଙ୍ଗରରୁ ବୋହି ଆସେ ଉଛୁଳା ଶୀତୁଆ ପବନ। ଫୁରୁ ଫୁରୁ ହୋଇ ଉଡୁଥାଏ, ଅସଜଡ଼ା କେଶ। ସଜାଡ଼ି ହେଇ ଆସୁଥାଏ ତା' ଇତିହାସର ହେତୁମାନ। ବାପା କାହାର ଦୁଃଖ ହୋଇଯାଇଛି, ମାଆ କାହାର ଦୁଃଖ ହୋଇଯାଇଛି, ପୁଣି କେଉଁ କାଳରୁ ସେ ବାପା କ'ଣ ଜାଣିନାହିଁ, ଗାଆଁ ଲୋକେ ମେଣ୍ଟହୋଇ ପଣସଗଛ ମୂଳେ ସଳପ ନେଉଛନ୍ତି ଓ ଗାଆଁରେ ଆଜି

ଭୋଜି, ଖୁସିରେ ଆକାଶ ଆଉ ମାଟି ଏକ ହୋଇଯାଉଛି। ଏସବୁ ତା' ଇତିହାସର ଗୋଟେ ଗୋଟେ ପୃଷ୍ଠା। କେବେହେଲେ ଜଣେ ତା' ପିଠିରେ ହାତମାରି ଏସବୁ ଇତିହାସ ବିଷୟରେ କଥାହୁଏ ନାହିଁ କି କୋଳକୁ ଉଠାଇନେଇ ତା' ସାଙ୍ଗରେ ତୁଚ୍ଛାଟାରେ କଥାହୁଏ ନାହିଁ। ପିଲାର ଇତିହାସକୁ ନିଘା କରିବା ଲାଗି ଏସବୁ ଆମ ବଡ଼ଙ୍କ ଲାଗି ଖୁବ୍ ଦରକାରୀ, ଖୁବ୍ ଆବଶ୍ୟକ। ଆମ ବଡ଼ଙ୍କ ଆଗରେ ପିଲାଏ କେବଳ ପିଲା। ତୁଚ୍ଛା ଏତିକି ନାକରୁ ପିଲା ଖଣ୍ଡେ। ଏହି ସିଦ୍ଧାନ୍ତର ବଡ଼ପଣରେ ଆମେ ମଣ ହୋଇ ରହିଛୁ। ତେଣୁ ପିଲାଟି ଆମ ପାଇଁ କେବଳ ପିଲା। ଆଧାର ନମ୍ବର ରହିଲେ ମଧ୍ୟ, ସେସବୁ ସୂଚନାର ମଉକା ଆଣନ୍ତି ସିନା ମାତ୍ର ପିଲାର ଇତିହାସ ପାଇଁ ସେମାନେ ଅଲୋଡ଼ା ହୋଇ ଉଠନ୍ତି। ଆମ ଇସ୍କୁଲ ବାଡ଼ ଗୁଡିକରେ ନାନା ମନ୍ତେ ବୈଷୟିକ କାରୁକାର୍ଯ୍ୟ ଗୁଡିକ ପାଦ ପକାଇ ପକାଇ ଆଗକୁ ଉଠିଯାଉଥାନ୍ତି, ମାତ୍ର ସେସବୁ ପିଲାର ଜୀବନ ଇତିହାସ ପାଇଁ ଅପେକ୍ଷା ହିଁ କରିଥାନ୍ତି। ବିଶେଷ ଭାବେ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପିଲାଙ୍କ ପାଖକୁ ନାଗି ହୋଇଆସିବା କଥାଟିକୁ କିଏ କାହାକୁ ବତାଇବ ସତରେ! ଦେଶର ଚଉହଦୀ ଭିତରେ କାଲିକୁ ସେ ନାଗରିକ ହୋଇ ଫୁଲପରି ଫୁଟିବ, ଜୀବନ ସଂଘର୍ଷର କେତେ କେତେ ଝଡ଼ର ବେଗରେ। ତା' ଇତିହାସର ଗଣତି ପୃଷ୍ଠାରେ ଜଣେ ବନ୍ଧୁ ଅବା ଧାତ୍ରୀର ପରାକାଷ୍ଠା ଜୀବନ୍ତ ହୋଇ ରହିବ କି!

ଏଥିପାଇଁ ପ୍ରତି ପିଲାର ଇତିହାସ ଏଠୁ ସେଠୁଯାଏ ଲମ୍ବିଛି, ଆମକୁ ଦେଖି ଠୋ' ଠୋ' ହୋଇ ହସୁଛି। ମାତ୍ର ଏ ଇତିହାସର ଭୂଗୋଳ ନାହିଁ। ପିଲାର ଭୂଗୋଳ ନାହିଁ। ହଁ, ଆମେ କହିଦେଇ ପାରିବା ସେ ଅମୁକର ପିଲା, ସମକର ଝିଆରୀ ଅବା ପୁତୁରା। ତାହା ସବୁ ଆମ ଚଲା ମେଘର ଭୂଗୋଳ ସିନା, ମାତ୍ର ବରଷି ଯାଉଥିବା ମେଘର ଭୂଗୋଳ ଆଦୌ ନୁହେଁ। ସବା ଆଗ ସେ ଆମ ପିଲା। ଯେଉଁଠି ଯେତେବେଳେ ଅବା ଯେପରି ବି ହେଉ! ସେ ହେଉଛି ଆଗ। ତା'କୁ ଦେଖୁ ଦେଖୁ ସାଧନ, ତା' ପାଇଁ ଯେତେ ନୁହଁ, ମୋ' ଲାଗି କେତେ କେତେ ସାଧନ, ତା' ପାଖକୁ ନାଗି ଆସିବାକୁ। କେବଳ ସୂଚନା ପାଇଁ ନୁହେଁ, ସଂପୃକ୍ତି ପାଇଁ। ଏହି ସଂପୃକ୍ତି ଜଳନ୍ତି ଇତିହାସର ଗୋଟେ ଗୋଟେ ଅବିଚ୍ଛିନ୍ନ ପୃଷ୍ଠା ଲାଗି। ଯାହାର ପାଠକ ପିଲା ଓ ମୁଁ ଉଭୟେ। କେହି କହୁ ବା ନ କହୁ। ପ୍ରାଥମିକ ଶିକ୍ଷାରେ ଏ ଦରଦ ଓ ଦରଜ ଆମ ପାଇଁ ଅପେକ୍ଷା ରଖିଛି।

***ଡକ୍ଟର ଚନ୍ଦନ କୁମାର ସିଂହ***

◆



# ଗୋଟେ ଗାଁଆର କଥା- ଜାମ୍ବୁଗୁଡ଼ା

ଗଲାକାଲିର ଶୀତଳ ପବନକୁ କାଟିଦେଇ ସକାଳୁ ସକାଳୁ ତାତି ଅଜାଡ଼ି ହୋଇଗଲାଣି। ଗ୍ରିଙ୍ଗେଲ, ଗ୍ରିଙ୍ଗେଲିଙ୍କ କାନ୍ଦ ଆହୁରି ଜାବୁଡ଼ି ଧରୁଛି ମାଟି, ପଥର ଓ ତା ଡଙ୍ଗରର କଅଁଳ ଛନଛନିଆ ଲଟା ପତ୍ରକୁ। ଗ୍ରିଙ୍ଗେଲ ଯହୁଁ ଯହୁଁ କାନ୍ଦି ଉଠୁଛି, ତହୁଁ ତହୁଁ ଟିମ୍‌ରାର ଦରବାର ଭାରି ବାସ୍ତବ ହୋଇଉଠୁଛି।

ବିଷମକଟକରୁ ଛାଇ ଛାଇକା ରାସ୍ତା ମାର୍କମା ମନ୍ଦିର ଦେଇ ଆଗକୁ ଲମ୍ବ ହୋଇ ଶୋଇଛି। ହେଁ ଦୂରଗଲେ ବାଆଁକାନି କିରିବରି ଗାଆଁ ଆଉ ଡାହାଣ କାନି ଜାମ୍ବୁଗୁଡ଼ା ଗାଆଁ। କାକ୍‌ରି ହରୁର ଆରମୁଣ୍ଡକୁ ଯେଉଁ ରାସ୍ତା ଧରିଛି ସେହି ରାସ୍ତା ଧରି ତଳକୁ ତଳ ଗଡି ଆସିଲେ ଜାମ୍ବୁଗୁଡ଼ା ଗାଆଁ। କାଙ୍କବାଡ଼ି ପଞ୍ଚାୟତର ଜାମ୍ବୁଗୁଡ଼ା ଆଉ ଗୋଟେ ଗାଆଁ। ଗାଆଁରେ ଗାଏମୋଟ ୭୫/୮୦ ଘର। ଅନୁସୂଚିତ ଜାତିର ଚାରିପାଞ୍ଚ ଘର। ବଳକା କୁଇ ଜନସମୁଦାୟଙ୍କ ଘର। ଗାଆଁ ଗଡ଼ାଣି ଉପରେ ଗାଆଁ ଭିତରକୁ ଅନାଇଲେ ଇସ୍କୁଲ ଘର ଲମ୍ବାରେଖାଟି ପରି ଦେଖାଯାଏ। ଗାଆଁ ଅରମ୍ଭରେ ଅଙ୍ଗନୱାଡ଼ି କେନ୍ଦ୍ର। ତା ବାଆଁ କାନି ରକୁଣ୍ଡା ଗଛ ହାତ ଖୋଲି ସବୁଯାକ ଛାଇ ଦେଇଦେଉଛି। ସଦରାମ କ୍ରାଡ୍ରାକା, ସମ୍ବରୁ କାଡ୍ରାକା, ସିତୁରୁ ଉର୍ଡାକା, ରାମ କାଡ୍ରାକାଙ୍କ କାଜୁବାଡ଼ ହାତଧରାଧରି ହୋଇ ଜାମ୍ବୁଗୁଡ଼ାର ଦିହକୁ ଛୁଇଁ ଦେଉଛନ୍ତି। ଖରା ବଢୁଛି; ଗ୍ରିଙ୍ଗେଲ୍‌ଙ୍କ କାନ୍ଦ ବି ଉଛୁଳି ଉଠୁଛି। ଗାଆଁ ଇସ୍କୁଲର ଚଉହଦୀ ପ୍ରଥମରୁ ପଞ୍ଚମ। ସ୍କୁଲରେ ବାର ସରିକି ପିଲା। ଶିକ୍ଷକ ଜଣେ।

ବିଭୀଷଣ କାଣ୍ଡାମାକା। ୧.୦୭.୭୪ ମସିହାରୁ ଜାମ୍ବୁଗୁଡ଼ା ସ୍କୁଲଟି ପ୍ରତିଷ୍ଠା ହୋଇଛି। ପ୍ରଥମରେ ଦୁଇ ଜଣ, ତୃତୀୟରେ ଋରିଜଣ, ଚତୁର୍ଥରେ ତିନିଜଣ, ପଞ୍ଚମରେ ତିନିଜଣ, ସମୁଦାୟ ବାର ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଇସ୍କୁଲଟିର ସମାବେଶ। ଜାମ୍ବୁଗୁଡ଼ା ପୁରୁଣା ସାହି ମଝିରେ ଧରନା ପେନୁ। ସୁଖ ଦୁଃଖର ସାଥୀ ହୋଇ ଖୋଲା ଆକାଶ ଓ ମୁକୁଳା ମାଟିକୁ କେଉଁ କାଳୁ ଅନାଇ ରହିଛନ୍ତି। ଗାଆଁ ଜାନୀ ସିତ୍‌ନା କାଡ୍ରାକା। ଗାଆଁ ବେଜୁଣୀ ତିମ କ୍ରାଡ଼ାକା। ଜାମ୍ବୁଗୁଡ଼ାର ଗୌରାଙ୍ଗ ମହାନନ୍ଦିଆ ଅଟୋ। କିଣିଛନ୍ତି, ବଣ୍ଡେଇ ଗୁଡ଼ା ଗାଆଁରୁ ଟ୍ରାକ୍ଟର ଆସି ଜାମ୍ବୁଗୁଡ଼ାରେ କାମ କରୁଛି।

ସୁନୀତା କ୍ରାଡ଼ାକା, ସୁକାନ୍ତି କାଡ୍ରାକା, ସାନୁ କାଡ୍ରାକା, ନିଦ୍ରାବତୀ କାଡ୍ରାକା, ଅଞ୍ଜଳି କାଡ୍ରାକା ଦଶମଶ୍ରେଣୀ ପାଶ୍ କରି କୁଲିଭୂତି ଯାଉଛନ୍ତି। ଖାଇବା ପିଇବା ନିଜ ହାତରୁ। ଦିନକୁ ଦୁଇଶ ଟଙ୍କା ମଜୁରୀ। ଖରା ବଢୁଛି। ଗ୍ରିଙ୍ଗେଲର କାନ୍ଦ ଉଛୁଳି ପଡୁଛି। ଧୂ ଧୂ ଖରା ଅଜାଡ଼ି ପଡୁଛି ଆକାଶରୁ ଜାମ୍ବୁଗୁଡ଼ା ମୁଣ୍ଡ ଉପରେ। ଗଲାକାଲି ବରଷା, ପବନ ସାରା ଗାଆଁକୁ ଆବୋରି ଧରିଥିଲା। ପେନ୍ଥା ପେନ୍ଥା ଜାମୁକୋଳି ଭୂଇଁ ଉପରେ ବିଛାଇ ହୋଇପଡିଛି। କବିତା କ୍ରାଡ଼ାକା (+୨), ପଢ଼ିଲା ପିଲା; ସୁମିତା କାଡ୍ରାକା, ଷଷ୍ଠରୁ ପାଠ ଛାଡ଼ିଲା, ଦୁହେଁ ମିଶି ମହୁଲ ଶୁଖାଉଛନ୍ତି। ଆଗରୁ ମହୁଲ କୋଡିଏ ଥିଲା ପଢ଼ିଲା ବେଳକୁ, ଏବେ ମହୁଲ କିଣିବାକୁ ଗାଆଁକୁ କେତେ ବେପାରୀ ଆସନ୍ତି। କେହି ନଆସିଲେ ! ବିସମ କଟକ ନେବାକୁ ପଡ଼େ। ବଳଭଦ୍ର କାଡ୍ରାକା, ପ୍ରଶାନ୍ତ କାଡ୍ରାକା, ଫକୀର କାଡ୍ରାକା କେରଳ ଯାଇଛନ୍ତି ଗୋଟେ ବର୍ଷ ହେଲାଣି। ଫକୀର କାଡ୍ରାକା ମେରେଜ୍ ହୋଇଛି। ପ୍ରଶାନ୍ତ (+୨) ପଢ଼ିଛି, ବଳଭଦ୍ର ଦଶମ ପଢ଼ିଛି।

ବିସମକଟକରୁ ଜଣେ ନଡ଼ିଆ ଖଜା ନେଇ ଗାଆଁ ଦାଣ୍ଡକୁ ବିକିବାକୁ ଆସିଛି। ସେ ଚିରା ନୋଟ୍ ନେଉଛି। ଚିରାନୋଟ୍ ବଦଳରେ ବି ନଡ଼ିଆ ଖଜା ଦେବ। ପଇସା ଦେବ ନାଇଁ। ଧୂ' ଧୂ' ଖରା ଅଜାଡ଼ି ପଡୁଛି ଆକାଶରୁ ଜାମ୍ବୁଗୁଡ଼ା ମୁଣ୍ଡ ଉପରେ।

ଜାମ୍ବୁଗୁଡ଼ାର ଆଉ ଏକ ବାପ ଛେଉଣ୍ଡ ପିଲା, ରାନୀ କାଡ୍ରାକା। ରାନୀ ଗାଆଁ ଇସ୍କୁଲରେ ପଢୁଥିଲା। ଏବେ ଦୁର୍ଗୀ କସ୍ତୁରବା ସେବାଶ୍ରମରେ ପଢୁଛି। ରାନୀର ବାପା ହଳଧର କାଡ୍ରାକା। ଚାରିବର୍ଷ ହେଲାଣି ଖରାପ ହୋଇଗଲେଣି। ହଳଧର କାଡ୍ରାକାଙ୍କ ସ୍ତ୍ରୀ ପାଲା କାଡ୍ରାକା। ପାଲା ଓ ହାଲୁଙ୍କର ଚାରି ଝିଅ, ଗୋଟିଏ ପୁଅ। ପୁଅ ବେଣୁଧର ପଞ୍ଚମ ପଢ଼ି ଚାଷବାସ କରୁଛି। ବଡ଼ ଝିଅ ସେବତୀ (+୩) ବିସମକଟକରେ ପଢୁଛି। ତା' ତଳ ବିବତୀ (+୨) ପାଶ୍ କରି ଘରେ ରହିଛି। ତା' ତଳ ସୁନୀତା ପଞ୍ଚମରୁ ପାଠ ଛାଡ଼ିଛି।

ଓଷ ପାଟାଂ ଡଙ୍ଗର। ଓଷ ପାଟାଂ ଡଙ୍ଗରକୁ ଶୀତଳ ପବନ ଘୋଡେଇ ଆଣୁଛି। ମାଆ ପଲା କାଡ୍ରାକାଙ୍କ ସହ ଝିଅ ବିବିତୀ ଓ ସୁନୀତା। ମାଆ ସହ ମିଶି ଆସିଛନ୍ତି ଡଙ୍ଗର କାମକୁ। "କାଜୁ ଲଗାଇବୁ, ଝୁଡୁଙ୍ଗ, ମାଣ୍ଡିଆ ଆଉ କ'ଣ ଲଗାଇବୁ। ଖାଲି ମାଣ୍ଡିଆ ଏକା ବୁଣିବୁ। ପଇସା ଥିଲେ ସିନା କପା ଲଗାଇବୁ। କାମ କରିବା ଲୋକ କେହି ନାଇଁ। କପା ପାଇଁ ଓଷ ଦରକାର। ଓଷ ପାଇଁ ପଇସା ଦରକାର। ବେଣୁ ଘର କାମ କରୁଛି। ସବୁ କାମ କରିବ ଏକା। ଚାଷ ଜମି ଆମର କିଛି ନାଇଁ। ଏତକ ଅରାଏ ଡଙ୍ଗର ଜମି। ଆଗକୁ ଜମି ଅଛି। ସଫା କଲେ ହେବ। ପଟେ ପୋଡ଼ ଅଛି। ଗାଇ ବି ନାଇଁ, ବଳଦ ବି ନାଇଁ। ବେଣୁ ଏବେ ପୋଡ଼ ଚରାଉଛି। ଖରାଦିନ ପରା ? ଆମ ଗାଆଁରେ ଜମି ତୁଇକାଙ୍କ ପୋଡ଼ ହଜିଗଲା। ଦୁଇ ମାସ ହେଲା ହଜିଗଲେ। ଆମ ଗାଆଁରେ ମିଳିଲା ନାଇଁ। ରାନୀର ବାପାକୁ ତିନିଦିନ ଜର ଆସିଲା। ମେଡିକାଲ ଗଭନମେଣ୍ଟରେ ଜଇନ୍ କଲେ। କିଛି ବାହାରିଲା



ନାଇଁ। ଘରକୁ ନେଇ ଯାଆ ମାଆ। ଦିନରେ ଆସ୍‌ଲୁ। ରାମ୍‌ନାଗୁଡ଼ାରେ ଡାକ୍ତର ଥିଲା। ଆସିପାରିବ ନାଇଁ କହିଲା। ରାନୀ ବାପା ଛଟ୍‌ପଟ୍ ହେଲା। ଜାଉ ପିଇଲା, ଅଧା ପିଇଲା। ଛଟ୍‌ପଟ୍ ହେଲା। ଖରାପ ହୋଇଗଲା।

ହଁ, ଧୂ' ଧୂ' ଖରା ଅଜାଡ଼ି ପଡୁଛି ଆକାଶରୁ ଜାମ୍ବୁଗୁଡ଼ା ମୁଣ୍ଡ ଉପରେ।

◆

# ପଙ୍ଗୁଲିରୁ ବୋରିଖାଲ୍



ଗଲାକାଲି ଝଡବର୍ଷାରେ ରାସ୍ତାକାନି ବାଉଁଶ ବୁଦାଟି ଶୋଇ ପଡିଛି। ଆଡ଼ ହୋଇ ଚାଲିଗଲେ ବାଆଁକାନି ବୋରିଖୋଲ୍ ସ୍କୁଲ। ପଛକୁ ଗଡ଼ିଆସିଲେ କାଙ୍କବାଡ଼ିକୁ ରାସ୍ତା ହେଁ ଦୂର ପଡ଼ିଛି। ବୋରିଖାଲ ସ୍କୁଲ ଆଗରେ କୋରିଖାଲ ଗାଆଁ। ଖରାତାତି ବର୍ଷା। ପାଣିରେ କମି କମି ଆସୁଛି। ଗ୍ରିଙ୍ଗେଲ୍ ରାହା ଧରି କାନ୍ଦୁଛି, ପଣସ ଗଛରୁ। ଏପଟ ସେପଟ ହୋଇ କେତେ କେତେ ପଣସ ଗଛ ବୋରିଖାଲ୍ ସ୍କୁଲ ପାଖରେ। ଶାଳ, ଆମ୍ବ ଗଛ ଛାଇରେ ସରୁ କଳା ପିଚୁରାସ୍ତାଟି ପଡିଛି ବୋରିଖାଲ୍ ଗାଆଁ ଆଡ଼କୁ। ଗଛ ଛାଇ ଭିତରେ, ଧାରେ ଧାରେ ପାଣି ଭିତରେ ଟିକି ଝରଣାର ଦିହ ଦୋଯାଉଛି। ଆଉ ଦିନ କେଇଟା ପରେ କଳା ମେଘର ଢେଉ ନିୟମଗିରିରୁ ଉଠି ଆସିବ, ବରଷି ଯିବ ଭୂଇଁ ଉପରେ। ଝରଣାର ଦିହ ଚହଟି ଉଠିବ। ଏଇ ଶୁଖିଲା ଧାରେ ଧାରେ ପାଣିରେ ଆମ୍ବଗଛରୁ ଅଜାଡ଼ି ହୋଇ ପଡୁଛି ଆମ୍ବତକ। ଯିଏ ପାରିଲା ସାଉଁଟି ନେଲା। କାହାରିକୁ ଆକଟ ନାହିଁ। ଶୀତଳ ପବନ ରହି ରହି ମାଟି ଉପରକୁ ଛୁଇଁ ଆସୁଛି। ଗହଳ ଶାଳ ଗଛ ଭିତରୁ ବି ଶୀତଳ ପବନ ଦୋହଲି ଆସୁଛି ମାଟି ଉପରକୁ। ଚିନ୍ତା ନାହିଁ କି ଚହଲା ପଣ ବି ନାହିଁ। ଅଦୂର ଚିହ୍ନହୀନ କାଳରେ ଏଇମିତି ଯାଆଆସ ଲାଗି ରହିଛି। ଯେତେ ଯାହା ଚିହ୍ନ ରଖିଲେ ବି ଚିହ୍ନହୀନ କାଳ ମାଠିମୁଠି ତା' ପଣରେ ଅଚିହ୍ନା କରିଦେଉଛି। ଶ୍ୟାମଳ ଗହନ ଶାଳତରୁ ଭିତରୁ ଅଜଣା ବନ ପକ୍ଷୀର ରାବ



ସମୟର ବୋହିଯିବା ବାଟରେ ରହି ରହି କିଛି ଚିହ୍ନ ଦେଇଯାଉଛି। ଝରଣା ପାଣି ବୋହି ଯାଉଛି ଆଗକୁ ଆଗକୁ। ସକାଳୁ ସଞ୍ଜଯାଏଁ ସେ ଗଡ଼ନ୍ତା ପାଣିରେ ଗଛର ଛାଇ। ରାତିରେ ବି ଜହ୍ନ ଆଲୁଅରେ ଗଛର ଛାଇ ଝରଣା ପାଣିରେ। ପଙ୍ଗୁଲି ଗାଆଁରୁ ଏଇ ରାସ୍ତାରେ ଫେରି ଆସିଥିଲା ବିକାଶର ମାଆ ବୋରିଖାଲକୁ। ବିକାଶର ମାଆ ଅପ୍ରତି ହିକକା। ବୋହୁ ହୋଇଯାଇଥିଲା ପଙ୍ଗୁଲି ଗାଆଁକୁ, ଅର୍ଜୁନ ହିକକାଙ୍କ ଘରକୁ। ଅପ୍ରତି ହିକ୍‌କାଙ୍କୁ ଜର ହେଲା। ଆଉ ଜର ଭଲ ହେଲା ନାଇଁ। ଭାଇ ଗୋପୀନାଥ ତୁଇକା ଅପରତିକୁ ନେଇ ଆସିଲା ବୋରିଖାଲ୍‌କୁ। ଭଉଣୀ ଅପ୍ରତି ଭଲ ହୋଇଯିବ ଏଇ ଆଶାରେ। ମାତ୍ର ଅପ୍ରତିର ବୋରିଖାଲ୍‌କୁ ଫେରିବା ଥିଲା ଶେଷ ଥର। ଅଜଣା ବନ ପକ୍ଷୀ ଡଙ୍ଗର ଦିହକୁ ଉଡ଼ିଗଲା। ଅପର୍ତି ବି ଚାଲିଗଲା ଅଜଣା ରାଇଜକୁ। ଔଷଧକୁ ଉତ୍ତର ନାଇଁ। ବିକାଶ ମାଆ ଛେଉଣ୍ଡ ହୋଇଗଲା। ହଁ, ବୋରିଖାଲ୍‌ର ଅପ୍ରତି ଚାଲିଗଲା। ଗଛର ଛାଇକୁ ଅଚିହ୍ନା କରିଦେଇ। ଝରଣାର ଦିହକୁ ଆହୁରି ଓଦା ସର ସର କରିଦେଇ। ବିକାଶ ବୋରିଖାଲ୍ ସ୍କୁଲର ଏବେ ପଞ୍ଚମ ଶ୍ରେଣୀର ଛାତ୍ର। ନିଜକୁ ପ୍ରସ୍ତୁତ କରୁଛି, ଆଗକୁ ପଢ଼ିବାକୁ, ଆଗକୁ ବଢ଼ିବାକୁ। ପଚାରିଲେ କୁହେ, କେଉଁ ମାଆର ନାଆଁ କହିବି, ବଞ୍ଚିବା ମାଆର ନାଆଁ ନା ମଲା ମାଆର ନାଆଁ। ବିକାଶ ହିକ୍‌କା, ବୋରିଖାଲ୍ ବିଷମକଟକ, ରାୟଗଡ଼ା, ଓଡ଼ିଶା।

◆

# ଗାଆଁର ନାଆଁ ମଣ୍ଡାପାଇ



ବିସମକଟକରୁ ଏକ ମୁହାଁ ହୋଇ ଆଗକୁ ଧାଇଁଥିବା ଗଟିକଣା ରାସ୍ତାରେ ହେଁ ଦୂରଗଲେ, ଡାହାଣକାନି ସାନଗତିଗୁଡ଼ା ଆଉ ବାଁ କାନି ଡଙ୍ଗର ଧାରେ ଧାରେ ମଣ୍ଡାପାଇ। ଡଙ୍ଗର କାନି, ଆମ୍ବଗଛ, ପଣସଗଛ, ଧାରେ ଧାରେ ରାସ୍ତା ପଡିଛି ମଣ୍ଡାପାଇ ଗାଆଁ ଭିତରକୁ। ଡାହାଣ କାନି ମଣ୍ଡାପାଇ ଇସ୍କୁଲ ଘର ଡଙ୍ଗର ଦିହକୁ ଛୁଇଁକରି ଠିଆ ହୋଇଛି। ସ୍କୁଲ ଆଗ ଖୋଲା ମେଲା। ଡଙ୍ଗର ଉପରୁ ବରଷା ଆସି ସ୍କୁଲକୁ ନିକେ କରି ଧୋଇଦିଏ। ଡଙ୍ଗର ଉପରୁ ଶୀତଳ ପବନ ଝରଝର ହୋଇ ଜାତୀୟ ପତାକାକୁ ଫରଫର କରି ଉଡ଼ାଉଥାଏ। ଆଗରେ ମଣ୍ଡାପାଇ ଗାଆଁ।

ଟାଙ୍ଗିରି ଡଙ୍ଗର ଉପରେ ଦ୍ୱିତୀୟା ଜହ୍ନ କଥା କହିଲାଣି। ଦ୍ୱିତୀୟା ଜହ୍ନ କଡ଼କୁ ସଂଜୁଆ ତାରା। ତା’ ପାଖକୁ କଳା ମେଘ ଖଣ୍ଡେ ପରିଚୟ ହଜାଇ ଉଠି ଆସୁଛି। କୁଇ ଜନଜାତିଙ୍କ ସାମୁଦାୟିକ ଜୀବନର ଆବାସସ୍ଥଳି ଅନୁରୂପ ମଣ୍ଡାପାଇ ଗାଆଁର ଅବସ୍ଥିତି। ଗାଆଁ ମଝିରେ ଓସାରିଆ ରାସ୍ତା ଏମୁଣ୍ଡରୁ ଆରମୁଣ୍ଡକୁ। ଦି’ ଧାଡ଼ି ଘର। କାନ୍ଥକୁ କାନ୍ଥ ଲାଗିଛି, ଗାଆଁ ଗୋଟାଯାକ ଲୋକଙ୍କ ଘର। ମଣ୍ଡାପାଇ ସ୍କୁଲ ଆରମ୍ଭ ହେବାର ପ୍ରଥମ ଛାତ୍ର ଗୋବିନ୍ଦ ନୁଣ୍ଟକା ଏବେ ମଧ ଅଛନ୍ତି। ଦାଣ୍ଡପିଣ୍ଡାରେ ବସି ଗାଆଁ ଇତିହାସକୁ ଅନାଇ ରୁହନ୍ତି। ବଇଶାଖ ମାସର ସଂଜ କାର୍ତ୍ତିକର ସଂଜ ପରି ଲାଗୁଛି। ଡେମୁଣି ହରୁ, ଟାଙ୍ଗିରି ହରୁ ଭିତରୁ ଶୀତଳ ପବନ ଢାଳି ହୋଇ ଆସୁଛି ଗାଆଁ ଭିତରକୁ। ଶହେ କୋଡ଼ିଏ ଘରକୁ ନେଇ ମଣ୍ଡାପାଇ ଗାଆଁ। ସଦନ କୁଟ୍ରକା ଗାଆଁ ନାୟକ। ଘର ଆଗରେ ଧରନୀ ପେନୁ। ଗାଆଁ ଜାନୀ ନାରିଲୁ କୁଟ୍ରକା। ମଣ୍ଡାପାଇର ଦିଶାରୀ କେହି ନାହାନ୍ତି। ବାହର ଲୋକଙ୍କୁ ନେଇ ଦିଶାରୀ କାମ କରାଯାଏ। ଗାଆଁ ବେଜୁଣୀ କିରି କୁଟ୍ରକା। କିରି କୁଟ୍ରକାଙ୍କ ବାଦ୍



ଆହୁରି କେତେ ଜଣ ବି ବେଜୁଣୀ ଅଛନ୍ତି। ରାଇମତି କୁଟ୍ରକା ଗାଆଁ ସ୍କୁଲ ସଭାପତି। ମଣ୍ଡାପାଇର ଝିଅ ତପସ୍ୱିନୀ କୁଟ୍ରକା ଏବେ ଓଡ଼ିଶା ପ୍ରାଶାସନିକ ସେବାର ପଦାଧିକାରୀ। ସହଦେବ କୁଟ୍ରକା ନବରଙ୍ଗପୁରର ଉମରକୋଟରେ ତହସିଲଦାର ହେଲେଣି। ଡେମୁଣି ହରୁ, ଟାଙ୍ଗିରି ହରୁ ଭିତରୁ ଶୀତଳ ପବନ ଢାଳି ହୋଇ ଆସୁଛି ଗାଆଁ ଭିତରକୁ ମଣ୍ଡାପାଇ ଗାଆଁକୁ।

ୟାହାଦେ ସକାଳ ବେଳା ସମସ୍ତଙ୍କ ଘରେ ମାଣ୍ଡିଆ ଜାଉ, ଭାତ ଆଉ ଶାଗ (ତରକାରୀକୁ ଶାଗ)। ଆଗରେ ଭାତ ମିଳୁନଥିଲା। ଆମର ଟୋଟାଲ ଭାତ ନଥିଲା। ରାତିରେ ଏତିକି ଟିକିଏ ଭାତ ନ ହେଲେ ଥମ୍ପା। ବାଇଗଣ ତରକାରୀ ସଙ୍ଗେ ଖାଇଥିବ। ଏବେ ଥମ୍ପା ଆଉ ହେଉନାହିଁ। ଏବେ ତ ଭାତ ଖାଇବାକୁ ମିଳିଯାଉଛି ପେଟେ ପେଟେ। ଏବେ ମାଣ୍ଡିଆ କିଣି କରି ଖାଇବାକୁ ପଡୁଛି। ୧୦ ମାଣ ମାଣ୍ଡିଆ ହେଲେ ବର୍ଷଯାକ ଖେଟି ଯିବ। ମାଣ୍ଡିଆରେ କଞ୍ଚାଲଙ୍କା, ଆମ୍ବସଢ଼ା ଟିକେ ହେଲେ ହେଲା- କୁହନ୍ତି ସ୍କୁଲ ସଭାପତି ରାଇମତି କୁଟ୍ରକା।

ଗାଆଁ ଲୋକେ ଏବେ ଦିକାସିନ୍ ପିଇଲେଣି। ଗାଆଁରେ ଆଗଭଳି ଗାଈ ଗୋରୁ ନାହାନ୍ତି। ଗାଈ ଜଗୁଆଳି ବି ନାହାନ୍ତି। ଜମି ପାଇଁ ଗାଈ ଖତ ମିଳୁ ନାହିଁ। ସାର, ଔଷଧରେ ପରିବା ଚାଷ ହେଉଛି।

ଗାଆଁ ସ୍କୁଲର ପ୍ରଥମ ଛାତ୍ର ଗୋବିନ୍ଦ କୁଟ୍ରକା। ଗଲାସନ ଗୋବିନ୍ଦ କୁଟ୍ରକାଙ୍କର ଝିଅ, ସ୍ତ୍ରୀ ଚାଲିଗଲେ। ଗୋବିନ୍ଦ କୁଟ୍ରକା ଏବେ ଏକା। ଟାଙ୍ଗିରି ଡଙ୍ଗର ଉପରେ ଦ୍ୱିତୀୟ ଜହ୍ନ ଧୀରେ ଧୀରେ ଏକା ହୋଇ ଆସିଲାଣି। ଗାଆଁ ଦାଣ୍ଡ ବି ଚିମ୍ରା ଲାଗିଲାଣି।

ମଣ୍ଡାପାଇ ଗାଆଁ ପଛକାନି ବଲାଙ୍ଗାଡ଼ି ନଈ। ଗାଆଁ ଲୋକଙ୍କ ନିତିଦିନିଆ କାରବାର ଏଇ ନଈ ପାଣିରେ। ଡଙ୍ଗର ମଥାରେ ଦ୍ୱିତୀୟା ଜହ୍ନ ଧାରେ ଧାରେ ଏକା ହୋଇ ଆସିଲାଣି।

◆

# ରଙ୍ଗଣୀ ଫୁଲ କଥା : ଉର୍ଲାଯୋଡ଼ି ଗାଆଁ



ଥଣ୍ଡା ଥଣ୍ଡା ସକାଳ ପବନ। ରାସ୍ତା ଧାଇଁଥାଏ ଆଗକୁ ଆଗକୁ। ଆଗରେ ଉର୍ଲାଯୋଡ଼ି ଗାଆଁ। ଆମ୍ବ, ଖଜୁରୀ ଉହାଡ଼ରୁ ଦେଖାଯାଉଛି ଉର୍ଲାଯୋଡ଼ି ଗାଆଁ। ପେଣ୍ଟାପେଣ୍ଟା ଖଜୁରୀ କୋଳି ହାତପାଆନ୍ତାରେ। ହଳଦୀ ଗୁରୁ ଗୁରୁ ହୋଇ ଆସିଲାଣି। ଆଉ ଦିନ କେଇଟାରେ ପାଚିଯିବ। ଶିକ୍ଷା ସାଥୀ ଗଣିମାଝୀ ଓ ରେଶ୍ମାଙ୍କ ଗାଆଁ ଉର୍ଲାଯୋଡ଼ି। ଗାଆଁର ଗୋଟେ କୋଣରେ ଉର୍ଲାଯୋଡ଼ିର ଆବାସିକ ବିଦ୍ୟାଳୟ। ଖରାଦିନ ଛୁଟି ଲାଗି ସ୍କୁଲ ମୁହଁଟି ଶୁଖିଲା। ସ୍କୁଲ ଆଗରେ ଘଣ୍ଟପର୍ବ ଫୁଲଗଛ। ଭାରି ଝଙ୍କାଳିଆ। ନିଜ ଛାଇରେ କୁଣ୍ଢାଇ ଧରିଛି ସ୍କୁଲର ଅଧା ହିହକୁ। ସ୍କୁଲ ହତାଟି ଭରି ଉଠିଛି ମଲ୍ଲୀ ଫୁଲର ବାସ୍ନାରେ। ସ୍କୁଲ ପରିସରଟି ଭାରି ନିକ। ପୂର୍ବରୁ ପିଲାଙ୍କର ସାମୁଦାୟିକ ଶିକ୍ଷଣ କେନ୍ଦ୍ରଟି ଗାଆଁ ଭିତରେ ଚାଲୁଥିଲା। ଏବେ ସ୍କୁଲର ଗୋଟେ କୋଠରୀରେ ଗାଆଁ ପିଲାଙ୍କୁ ନେଇ ସାମୁଦାୟିକ ଶିକ୍ଷଣ କେନ୍ଦ୍ରଟି ଚାଲିଛି। ସ୍କୁଲ ସଭାପତି ଶ୍ରୀ କରୁଣାକର ସୂର୍ଯ୍ୟ ସାହୁ। ଉଦ୍ୟମୀ ଯୁବକ। ଉତ୍ସାହ କୁଣ୍ଢେ



ପଣ। ତାଙ୍କରି ଉଦ୍ୟମରେ ହିଁ ସ୍କୁଲ କୋଠରୀରେ ଶିକ୍ଷଣ କେନ୍ଦ୍ର ଚାଲିଛି। ଶିକ୍ଷଣ କେନ୍ଦ୍ରର ସମୁଦାୟ ୨୫ ଜଣ ପିଲା। ପ୍ରଥମ ଶ୍ରେଣୀରେ ସାତ ଜଣ, ଦ୍ୱିତୀୟ ଶ୍ରେଣରେ ତେର ଜଣ, ଚତୁର୍ଥରେ ତିନି ଜଣ ଓ ପଞ୍ଚମ ଶ୍ରେଣୀରେ ଦୁଇ ଜଣ ପିଲା। ଘଣ୍ଟପର୍ବ ଫୁଲ ଗଛ ଛାଇରେ ମୁଁ ଠିଆ ହୋଇଥାଏ। ମୋ ଆସିବା କଥା ଶୁଣି ପିଲାଏ ପହଞ୍ଚିଗଲେ। ସ୍କୁଲ କୋଠରୀ କାନ୍ଥରେ ବିଭିନ୍ନ ଶିକ୍ଷଣ ସାମଗ୍ରୀ। ବର୍ଣ୍ଣ ସମୂହ ଚାର୍ଟ ସାଙ୍ଗକୁ ଇଂରାଜୀ ଭାଷା ଶିକ୍ଷା ଟ୍ରେନିଂରେ ବ୍ୟବହାର କରାଯାଇଥିବା ମାଆ କୁକୁଡ଼ାର ଛବି ମଧ୍ୟ। ଟେବୁଲ ଉପରେ ଥିଲା ମାଆ କୁକୁଡ଼ାର ସାନ ସାନ ପିଲା ଦୁଇଟିର ଛବି - ଲାଲୁ, ପିଲୁ। ଏହା ସାଙ୍ଗକୁ ହଳଦିଆ ରଙ୍ଗର ଗୋଟିଏ ଲଡୁର ଛବି ମଧ୍ୟ। ମୁଁ ଅନ୍ୟ ପିଲାଙ୍କୁ ଅପେକ୍ଷା କରି ବସିଥାଏ। ଥବିର ସୂର୍ଯ୍ୟ ସାହୁକାର। ପ୍ରଥମ ଶ୍ରେଣୀର ପିଲା। ପିଲାଙ୍କ ମେଳର ସବୁଠାରୁ ସାନ। ଥବିର କାନ୍ଥରେ ଟଙ୍ଗା ଯାଇଥିବା ମାଆ କୁକୁଡ଼ାର ଛବିଟିକୁ ହାତ ବଢ଼ାଇ କହି ଉଠିଲା, "ମରଦ ହେନ୍, ମରଦ ହେନ୍। ଆଉ ଗୋଟିଏ ପିଲା କହି ଉଠିଲା - ଲାଲୁ, ପିଲୁ। ତା' ଦେଖା ଦେଖି ଆଉ ଗୋଟିଏ ପିଲା କହି ଉଠିଲା, ୟେଲୋ ଲଡୁ। ମୁଁ ବସି ଭାବୁଥିଲି, କ'ଣ କରିବି, କ'ଣ କରିବି। ମୋତେ ଯଥାକ୍ରମେ ସୂତ୍ର ଓ ସାହସ ମିଳିଗଲା। ଏଇ ଟିକି ଟିକି ଛୁଆଙ୍କ ମଧ୍ୟରେ ଯେ ଅନେକ ଇଂରାଜୀ ଶବ୍ଦ ଓ କାବ୍ୟ ସ୍ୱାଭାବିକ ହୋଇ ଆସିଲାଣି, ଏକଥା ମୋତେ ସାହସ ଆଣିଦେଲା। ଛୋଟ ଛୋଟ ପିଲାଏ ଯେ ଇଂରାଜୀ ଭାଷାକୁ ଆୟତ୍ତ କରିନେବେ ଏହା ମୋତେ ପ୍ରତ୍ୟୟ ଆଣିଦେଲା। ଏହାପରେ ଆମେ ସଭିଏଁ କୋଠରୀ ବାରଣ୍ଡାକୁ ପଳାଇଆସିଲୁ। କୋଠରୀ ବାରଣ୍ଡାଟି ଭାରି ନିକ ଥାଏ। ପିଲାଏ ମଲ୍ଲୀ ଗଛରୁ ଗୋଟେ ଗୋଟେ ଫୁଲ ଆଣି ବହି ଉପରେ ଥୋଇ ପ୍ରାର୍ଥନା ବୋଲିଲେ। ତା'ପରେ This - Thatର ଉଦାହରଣ। ଝରକା ଓ କବାଟ, କଲମ, ଖାତା, ଦୂର ଆକାଶରେ ଉଡୁଥିବା ଚିଲ, ଘଣ୍ଟ ପର୍ବ ଫୁଲ ଗଛରେ ବସିଥିବା କାଉ, ଇତ୍ୟାଦି This ଓ Thatର ଆଧାର ଭିତରକୁ ଆସିଗଲେ। ଏହାପରେ ପିଲାଙ୍କୁ ନେଇ ମୁଁ ହତା ଭିତରେ ଫୁଟିଥିବା ରଙ୍ଗଣୀ ଫୁଲଗଛ ପାଖକୁ ନେଇଗଲି। ମନ୍ଦାମନ୍ଦା ହୋଇ ରଙ୍ଗଣୀ ଫୁଲ ଫୁଟିଥାଏ ଠିକ୍ ପିଲାଙ୍କ ସଜ ସକାଳର ହସ ପରି। ରଙ୍ଗଣୀ ଫୁଲ ଗଛ ଉପରକୁ ଦର ଆଉଜା ଝରକା। ପିଲାଙ୍କୁ This -Thatର ଉଦାହରଣ ଦେଇ ବୁଝାଇ ସାରିଲା ପରେ, ସବୁଠାରୁ ସାନପିଲାଟି ଥବିର ସୂର୍ଯ୍ୟ ସାହୁକାର କହି ଉଠିଲା, This is Flower, That is Window। ଅତି ଅଳ୍ପ ସମୟର ବ୍ୟବଧାନରେ ଥବିର ଧରିପାରିଥିଲା, This ଓ Thatର ବ୍ୟବହାର। ଏବଂ ପ୍ରମାଣିତ କରିଦେଉଥିଲା ବୟସ କମ୍ ଥିବା ପିଲା ଯଥାଶୀଘ୍ର ଧରିନେଉଛନ୍ତି ପାଠର ସାବଲୀଳ ଧାରାକୁ।

◆

# ଗୋଟେ ସକାଳ ପହରର କଥା

ବଇଶାଖ ମାସର ସକାଳ ବେଳା। ଆମ୍ବଗଛମୂଳର ଏହି ଛୋଟ ଘରଟି ଭିତରକୁ ଦୁଆର ଓ ଝରକା ଦେଇ ତାତି ମାଡ଼ି ପଡିଲାଣି। ଆମ୍ବ ଗଛରେ ପେନ୍ଥା ପେନ୍ଥା ଭରା ଆମ୍ବ। ବଣ୍ଡେଇଗୁଡ଼ା ଗାଆଁ ସ୍କୁଲ। ସ୍କୁଲ କେଉଁ କାଳୁ ବନ୍ଦ ହୋଇଗଲାଣି। ଗୋଟ ଖଣ୍ଡରେ ଗାଆଁ ଅଙ୍ଗନ ୱାଡ଼ି କେନ୍ଦ୍ର। ଆଉ ଗୋଟେ ଖଣ୍ଡରେ ଗାଆଁ ଭେଣ୍ଡିଆଙ୍କ ବସା ଉଠା, କ୍ରିକେଟ ଖେଳର ବିଜେତା ଉପହାର ସାମଗ୍ରୀମାନ ଉଛୁଳି ଉଠୁଛି। ଆଉ ଖଣ୍ଡେ ଛୋଟ ବଖୁରିକିଆ ଘରେ ଶିକ୍ଷଣ କେନ୍ଦ୍ର। ଶିକ୍ଷଣ କେନ୍ଦ୍ରର ପରିଚାଳନା ଭାର ଗାଆଁ ଝିଅ ହେମ ଉପରେ। ହେମ ପିଡ଼ିକାକା। ମଝିରେ ମଝିରେ ଶିକ୍ଷଣ କେନ୍ଦ୍ରର ମାଆମାନଙ୍କ ବୈଠକ ବସେ। କେତେ କେତେ କଥା ପଡେ, ପିଲାମାନଙ୍କର ପାଠପଢ଼ାକୁ ନେଇ। ସେହି ବାଗିର ଆଜି ବି ବୈଠକ ବସିଛି ମାଆମାନଙ୍କର ଏହି ଛୋଟ କୋଠରୀଟି ଭିତରେ। ବେଳ ଉଛୁର ହେବା ଆଗରୁ ମାଆମାନଙ୍କ ମିଳିତ ଆଲୋଚନାଟି ସରିଯିବ। ସେଦିନ ଆଠଦଶଜଣ ମାଆଙ୍କ ସହ ଦୁଇତିନିଜଣ ବାପା ବି ଉପସ୍ଥିତ ଥାଇ ଆଲୋଚନାରେ ଅଂଶ ଗ୍ରହଣ କରୁଥାନ୍ତି। କଥାଟି ଆରମ୍ଭ ହୋଇଥିଲା, ପିଲା କାହିଁକି ନିୟମିତ ଶିକ୍ଷଣ କେନ୍ଦ୍ରକୁ ଆସିବ ନାହିଁ। ନିୟମିତ ଶିକ୍ଷଣ କେନ୍ଦ୍ରକୁ ଆସିବାର ଉପାୟ, କ'ଣ? ପିଲାଏ ନିୟମିତ ହେବା ପାଇଁ କାହାକୁ ଦାୟିତ୍ୱ ଅର୍ପଣ କରାଯିବ? ଏପରି କେତେକ ପ୍ରସଙ୍ଗର ଉତ୍ତର ଓ ସମାଧାନ ଆଦୌ ସହଜ ସଧ ନଥିଲା। ନିଜ ନିଜର ଅତୁଆତତୁଆ ପ୍ରଶ୍ନରେ ଅଭିଭାବକମାନେ ପରସ୍ପର ମଧ୍ୟରେ ମତ ବିନିମୟ କରୁଥାନ୍ତି। ସେମାନଙ୍କ ପାଖରେ ବସିଥିବା ପିଲାଗୁଡ଼ାକ ବାପାମାଆଙ୍କର ଆଲୋଚନାରେ ନିଜକୁ ଖାପ୍‌ଖୁଆଇ ପାରୁନଥାନ୍ତି କି କ'ଣ ଏପଟସେପଟ ହୋଇ ବଲ ବଲ କରି ଅନାଉଥାନ୍ତି। ଏତିକି ବେଳେ ଜଣେ ମାଆ କହି ଉଠିଲେ, "ଦିଦି ହିଁ ଏ ଦାୟିତ୍ୱ ନେଉ।" ଅର୍ଥାତ୍ ପିଲାଏ କିପରି କେନ୍ଦ୍ରକୁ ନିୟମିତ ଆସିବେ ହେମ ହିଁ ତା'ର ଦାୟିତ୍ୱ ନେଉ। ଯେଉଁ ପିଲା ଆସୁନାହିଁ, ସେ ଯାଇ ତା' ବାପା ମାଆଙ୍କୁ ଖବର କରୁ ଓ ପିଲାଙ୍କୁ ପଠାଇବାକୁ କହୁ।



ମଝାମଝି ମାଆ ଜଣେ ବସିଥାନ୍ତି। ତାଙ୍କ ନାମ ସୁନୀତା ହିକ୍‌କା। ହାଁଟା କରି ନିଜ ଶକ୍ତି ଖଟାଇ ସେ କହି ଉଠିଲେ – "ଦିଦି କିଛି କରିପାରିବ ନାହିଁ। (ଦିଦି ଅର୍ଥାତ୍ ଶିକ୍ଷା ସାଥୀ ହେମ)। ଦିଦି କାହିଁକି କରିବ? ନିଜେ ମାଆ ଏକା କରିବ। ଯେଉଁ ପିଲା ଆସୁ ନାହିଁ, ତା' ମାଆର ଦାୟିତ୍ୱ ସେ ପିଲା କିପରି ସ୍କୁଲକୁ ଆସିବ। ତା' ନହେଲେ ଆସିବା ପିଲା ମଧ୍ୟ ବନ୍ଦ ହେଇଯିବେ।" ସୁନିତା ମାଆଙ୍କର ଏଇ କେତେପଦ କଥା ସାରା ଘରର ବାତାବରଣକୁ ଆହୁରି ସ୍ଥିର କରି ଆଣିଲା। ପିଲାର ପାଠପଢ଼ା ପ୍ରକ୍ରିୟାରେ କେବଳ ଶିକ୍ଷା ସାଧାର ଭୂମିକା କାହିଁକି ରହିବ, ନିଜ ବାପା ମାଆ, ବିଶେଷଭାବେ ମାଆର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ। ସେ ଆଡେଇ ନେଲେ ପିଲା ବି ପାଠ ପାଖକୁ ଆଡେଇ ହୋଇଯିବ। ଉପସ୍ଥିତ ଥିବା ମାଆମାନେ ସୁନୀତା ମାଆଙ୍କର କଥାକୁ କେବଳ ଯେ ଶୁଣିଲେ ତା' ନୁହେଁ, ଅତି ସକ୍ରିୟ ଭାବେ ଏହି କଥାର ଭାଗିଦାର ହେବାପାଇଁ ସେମାନେ ନିଜ ନିଜର ସମ୍ମତି ବି ଦେଲେ।

◆

# ଥରକୁ ଥର ବୋରିଖାଲ



ପଣସଗଛ କଡ଼ର ସ୍କୁଲ ବୋରିଖାଲ୍ ସ୍କୁଲ। ପାଚେରୀ ନାହିଁ। ସ୍କୁଲ ଆଗ କାନି ଗୋଟେ ପଣସ ଗଛ। ସ୍କୁଲ ପଛ କାନି ଆହୁରି ତିନିଟା ପଣସ ଗଛ। ପିଲାଏ ଖୁସିରେ ଖୁସିରେ ଚଢ଼ିଯାଆନ୍ତି ପଣସ ଗଛ ଉପରକୁ। ବାଧା ପଡ଼େନି। ସ୍କୁଲ ଆଗ ପଣସ ଗଛ ମୂଳରେ କେତେ ଖଣ୍ଡ ପଥର। ତା'ରି ଉପରେ ବସିଗଲେ ଡଙ୍ଗର ପବନ ଦିହକୁ ଚନ୍ଦନ ପରି ଲାଗେ। ଗାଆଁ ଲୋକଙ୍କ ସହ ଭେଟଭାଟ୍ ହୁଏ। ଡଙ୍ଗର ହାଣିବାକୁ ଯାଉଥିବା ମାଆମାନଙ୍କ ସହ ଭେଟ୍ ଭାଟ ହୁଏ। ଏଇ ପଣସଗଛ ମୂଳରେ ପିଲାଏ ଖେଳନ୍ତି। ସତ ସତିକା ଖେଳ, ମିଛି ମିଛିକା ଖେଳ। କିଏ ପଥର ଆଉ ଇଟା ଉପରେ ଫୁଲ ଥାପେ ତ ଆଉ କିଏ ଗଛରୁ ପତର ଛିଣ୍ଡାଇ ଆଣି ଟଙ୍କା ଗଣେ, ପିଲାଙ୍କର ଗୋଳ ଓ ରୋଳ ଲାଗିଯାଏ। ପଣସଗଛ ମୂଳ ଭାରି ଖୁସି ହୋଇଯାଏ। ବସିଥିବା ଲୋକର ମନଟା ବି ଉଷତ୍ଲାଗେ।

ପଣସ ଗଛ ଆଗରେ ରୋଷେଇ ଘର ସ୍କୁଲର। ରୋଷେଇ ଘର ଆଗରେ ହାତ ପାଆନ୍ତା କେତେଟା କନିଅର ଗଛ। ଫୁଲରେ ଲଦି ହୋଇପଡ଼େ ସେ ଗଛଗୁଡ଼ାକ। ଗଛ ଆରପଟେ ମୁଣ୍ଡ ନୁଆଣିଆ ଗୋଟେ ଆଜ୍‌ବେଷ୍ଟସ୍ ଘର। ସେଠାରେ ଅଦୁ ରହେ। ଅଦୁର ବାପା ଏଠାରେ ସଲପ ରସ ଓ ଖଜୁରୀ ରସ ବିକେ। କେତେ ମାସ ହେଲା ସେ ଅଦୁକୁ ଛାଡ଼ି ଗାଆଁକୁ ଚାଲିଯାଇଛି। ଅଦୁ ମିକୁ ଘରେ ଗାଈ ଜଗେ। ମିକୁ ଘରେ ଖାଏ। ପିଲାଙ୍କ





ସାଙ୍ଗରେ କ୍ଲବ୍ ଘରେ ଶୋଇଯାଏ। ବାଟରେ ଦେଖିଲେ, ସାର୍ ନମସ୍କାର କୁହେ। ଭଲ ଅଛ କି ସାର୍ - ହସି ହସି କହେ। ଅଦୁ ୫/୬ଷ୍ଠ ପଢ଼ି ଆଉ ପଢ଼ିଲା ନାହିଁ। ପାଠ ଛାଡ଼ିଲା।

ଦଣ୍ଡାସି ତୁଇକାଙ୍କର ଛଅ ପୁଅ ଦି' ଝିଅ।

ବଡ଼ ପୁଅ ଦଣ୍ଡାସି ତୁଇକା। ଦଶମ ଫେଲ୍ ହୋଇ ପଢ଼ା ଛାଡ଼ିଲା। ଗଲା ବର୍ଷ ମେରେଜ ହୋଇଛି। ତା' ତଳ ସୀତାରାମ ଏବେ (+୩) ପଢୁଛି। ତା' ତଳକୁ ନବୀନ୍। ନବୀନ ୫/୬ଷ୍ଠରୁ ପଢ଼ା ଛାଡ଼ିଲା। ଭେଣ୍ଡିଆ ହେଲାଣି। ପୋଢ ଚରାଇବାକୁ ନିଏ। ହସ ହସ ମୁହଁ ନବୀନର। ପୋଢ ଚରାଉ ଚରାଉ କୋରିଆନ୍ ରକ୍ ମ୍ୟୁଜିକ୍ ଶୁଣେ। ନବୀନ ତଳେ ପୁରନ୍ଦର। ଅଷ୍ଟମ ପଢୁଛି। ତା' ତଳକୁ ବିଜୟ। ବିଜୟ ବି ଅଷ୍ଟମ ପଢୁଛି। ବିଜୟ ତଳେ ପ୍ରଭାସ, ତୃତୀୟ ପଢୁଛି। ଦଣ୍ଡାସିଙ୍କର ଦି' ଝିଅ ଭିତରୁ ଦମୟନ୍ତୀ (+୩) ପଢୁଛି। ସବାସାନ ଐଶ୍ୱର୍ଯ୍ୟା। ଗାଆଁ ସ୍କୁଲରେ ପ୍ରଥମ ଶ୍ରେଣୀରେ ପଢୁଛି।

ସିନ୍ଧୁ ତୁରକାଙ୍କର ଷାଠିଏ ବର୍ଷ ବୟସ ହେଲାଣି। ସ୍ତ୍ରୀ ସିଲିକା ତୁଇରକା। ସିନ୍ଧୁ ଓ ସିଲିକାଙ୍କର ଚାରି ପୁଅ, ଗୋଟେ ଝିଅ। ବଡ଼ ପୁଅ ଦୀନବନ୍ଧୁ ତୁଇକା। କିଛି ପଢ଼ିନାହିଁ। ୪/୫ ବର୍ଷ ତଳୁ ବିହାଘର ସରିଲାଣି। ମାତ୍ର ଝିଅ ବାପାଘରକୁ ଗଲା ଯେ ଆଉ ଫେରିଲା ନାଇଁ। କ'ଣ ହେଲା କେଜାଣି। ଦୀନବନ୍ଧୁ ତଳେ ଡମ୍ବରୁ। ସେ ବି କିଛି ପଢ଼ିନାଇଁ। ଡମ୍ବରୁ ତଳେ ମାନସିଂ। ମାନସିଂ (+୩) ପାଶ୍ କରିଛି। ମାନସିଂ ତଳେ ଝିଅ ସିତେ। ସିତେ କିଛି ପଢ଼ିନାହିଁ। ସିତେ ତଳେ ସୁନ୍ଦର ଦାସ। ସେ (+୨) ବିଜ୍ଞାନ ପାଶ୍ କରିଛି। ବୋରିଖାଲ୍ ଗାଆଁର କେତେ କେତେ ଚିତ୍ର ଏହିପରି ଆଗକୁ ଆଗକୁ ଲମ୍ବିଯାଇଛି। ଟିକାନା ତୁରକାଙ୍କର ତିନି ପୁଅ। ବଡ଼ ରମେଶ କିଛି ପଢ଼ି ନାଇଁ। ତା' ତଳକୁ ସୁଶାନ୍ତ। ଦଶମ ଫେଲ୍ ହୋଇଛି। ଗାଈ ଚରାଇବାକୁ ଯାଏ। ଗୋଟେ କେତେ ମାସ ହେଲା ଆନ୍ଧ୍ରା ଗଲାଣି କାମ କରିବାକୁ। ତା' ତଳ ଦେବରାଜ। ପଞ୍ଚମ ପଢ଼ି ପାଠ ଛାଡ଼ି ଦେଲା। ଗାଈ ଚରଉଛି।

ଯୋଗା ତୁଇକାଙ୍କର ତିନି ପୁଅ, ଦୁଇ ଝିଅ। ବଡ଼ ଝିଅ ପାର୍ବତୀ କିଛି ବି ପଢ଼ି ନାଇଁ। ତା’ ତଳ ପୁଅ ବାବାରାଓ, ପଞ୍ଚମ ପଢ଼ି ଆନ୍ଧ୍ରା ଗଲାଣି। ତା’ ତଳେ ଝିଅ ନମିତା। ଦଶମରେ ପଢୁଛି। ସବାସାନ ଜଗନ୍ନାଥ। ପଞ୍ଚମ ପଢ଼ି ପାଠ ଛାଡ଼ିଲା। ଏବେ ଗାଈ ଚରଉଛି। ହାଠିନା ତୁଇକାଙ୍କର ତିନି ଝିଅ ଓ ତିନି ପୁଅ। ବଡ଼ ଝିଅ ରେବତୀ ପାଠ ପଢ଼ି ନାଇଁ। ତା’ ତଳ ପୁଅ ଦୟା ପଞ୍ଚମ ପଢ଼ି ପାଠ ଛାଡ଼ିଲା। ବିହା ହୋଇସାରିଲାଣି। ଘର କାମରେ ଅଛି। ଦୟା ତଳେ ବିନୋଦ। ଋରି ପାଞ୍ଚ ପଢ଼ି ସ୍କୁଲରୁ ପଳାଇ ଆସିଲା। କୁଆଡ଼େ ଯାଇଛି କି କ’ଣ ? ତା’ ତଳେ ପ୍ରଦୀପ (+୨) ଫେଲ୍ ହୋଇ ଗାଆଁରେ ଅଛି। ତା’ ତଳେ ଦୁଇ ଝିଅ ହେମନ୍ତୀ ଓ କାର୍‌ସିମା। ହେମନ୍ତୀର ଦଶମ ଓ କାର୍‌ସିମାର ଅଷ୍ଟମ।

ନବୀନ୍ ଆଜି ଗୁଡ଼ିଆ ଯାଇଥିଲା। ଜମି ତଷିବାକୁ। କୋଶ୍‌ଲା ବୁଣିବାପାଇଁ। ସାଙ୍ଗରେ ବଡ଼ ଭାଇ ଦଣ୍ଡେସି, ବାପା ଦଳପତି, ସାନ ବାପା-ରଘୁ ତୁଇକା ବି ଯାଇଥିଲେ। ଦଣ୍ଡାସି ତୁଇକା ଓ ରଘୁ ତୁଇକା ଦି’ ଭାଇ। ଗୋଟିଏ କୁଟୁମ୍ବରେ ଶରଧା ପାଇ ରହିଛନ୍ତି। ଅଲଗା ହୋଇ ନାହାନ୍ତି। ସାରା ପରିବାର ମିଶି ୧୮ ଜଣ। ଗୋଟେ ଓଳିରେ ପାଞ୍ଚ କେ.ଜି. ଋଉଳ ହାଣ୍ଡିରେ ପଡେ।

ବୋରିଖାଲ୍ ସ୍କୁଲ ଆଗରେ ଖଜୁରୀ ଗଛ। ଗାଆଁ ଚାରିକାନି କେତେକେତେ ଖଜୁରୀ ଗଛ। ବଣ୍ଡେଇ ଗୁଡ଼ା ପାଖ ଗାଆଁ। ସେ ଗାଆଁ ଚାରିକାନି ବି ଖଜୁରୀ ଗଛ। ଖଜୁରୀ ରସ ଥଣ୍ଡା ମାସରେ ମିଳେ। ପୁଅପିଲା, ବୁଢ଼ା ସବୁ ପିଅନ୍ତି। ଗୋଟେ ମଗକୁ ଦଶ ଟଙ୍କା। ଗୋଟ ମଗ ଦୁଇ ଗ୍ଲାସ୍ ହେବ। ସଲପ ଗଛ ତଳେ ବୁଢ଼ା ପାଠି ବସିଥିବେ। ଏବେ ସକାଳେ କାଟି ଦେଇଥିବେ। ଘଣ୍ଟେ ବେଳକୁ ଆଉ ଟିକେ କାଟିଦେବେ। କାଟିଲେ ଆଉ ଟିକେ ବାହାରିବ। ସନ୍ଧ୍ୟାରେ ବି କାଟିବେ - ସବୁ ହୁଲେଇ ଦେବେ। ସମସ୍ତଙ୍କୁ ବାଣ୍ଟିଦେବ। ଗାଆଁ ଟାଇଗଛ। କିଏ ପଇସା ଦେବ। ଧାନ ମଡାଇଲା ବେଳକୁ ଖଜୁରୀ ରସ, ସଲପ ରସ ଦରକାର ହୁଏ। ଲୋକମାନେ ହାଲିଆ ହୋଇଯାଇଥିବେ। ଚାମୁଣ୍ଡା ଚଢ଼େଇବେ। ପାଳ ଚାମୁଣ୍ଡା ଚଢ଼େଇବେ। ହାଲିଆ ଥିବା ସବୁ ଲୋକ ରସ ପିଇବେ। ନିଶା ଲାଗିଯିବ। ସାଙ୍ଗସାଥୀ ହୋଇ କେତେ କାମ କରିଦେବେ। ଏବେ ଡ୍ରେଙ୍ଗା, ଲାଛନା ସଲପ ଗଛ କାଟୁଛନ୍ତି। ରେଲି ବି କାଟୁଛି। ଜାମ୍ବୁଗୁଡ଼ା ଡଙ୍ଗରରୁ ପବନ ଆସି ପଣସଗଛକୁ ହଲାଇ ଦେଉଛି। ଡଙ୍ଗର ପବନରେ ପଣସ ଗଛକୁ କେତେବେଳେ ନିଦ ଆସୁଛି ତ ଆଉ କେତେବେଳେ ଡଙ୍ଗର ପବନରେ ପଣସଗଛର ନିଦ ଭାଙ୍ଗିଯାଉଛି। ବୋରିଖାଲ୍ ଗାଆଁରେ କିଏ ପାଠ ଛାଡ଼ିଲା, କାହିଁକି ପାଠ ଛାଡ଼ିଲା, ଡଙ୍ଗର ପବନର ଚିହ୍ନ ନଥିବା ପରି ଏକଥା ହଜି ଜହି ଯାଉଛି ସିନା !

◆



# ଶୀତ ଛୁଇଁଲା

ହଁ, ଗଲା କାଲି ରାତିରେ ଶୀତ ଆସିଲା, ସମସ୍ତଙ୍କୁ ଛୁଇଁ ଛୁଇଁ ଯାଇଛି। ଆମ ପିଲାଙ୍କୁ ବି ଛୁଇଁଛି। ସବୁଜ ମାଣ୍ଡିଆ କ୍ଷେତ, ଦରପାଚିଲା ଧାନ କିଆରୀ, ଗାଆଁ ଦାଣ୍ଡ, ମକା ବାଡ଼, ଡଙ୍ଗର ସମସ୍ତଙ୍କୁ ଶୀତ ଛୁଇଁଛି। କଥା ଏତକରେ ସରିନାହିଁ, କାଲି ଥିଲା ରବିବାର, ପିଲାଙ୍କ ସହ ଆସର ବସିଲା। ପିଲାଏ ଲେଖିଲେ ଶୀତ ଛୁଇଁବାର କଥା, ଶୀତକୁ ଛୁଇଁବାର କଥା। ପିଲାଙ୍କ ଭିତରେ ବିପିନ୍ ହିକ୍‌କା ପଞ୍ଚମ ଶ୍ରେଣୀରେ ପଢ଼େ, କାଙ୍କବାଡ଼ି ଗାଆଁ। ବିପିନ୍ ସମସ୍ତଙ୍କ ଅଣ ଦେଖାରେ ରୁହେ ଭିନ୍ନକ୍ଷମ ବୋଲି। ସମସ୍ତେ କୁହନ୍ତି ସେ ପାଠରେ ପଛୁଆ। ମାତ୍ର ବିପିନ୍‌ର ଭାବନା କେତେ ମନ ଲୋଭା ସତରେ !

ଶୀତ ଆସିଲା, ପ୍ରଥମେ ଶୀତ ଆସି କାନ୍ଦୁଲକୁ ଛୁଇଁଲା। ଧୀରେ ଧୀରେ କାନ୍ଦୁଲ ବଡ଼ ହେଲା। ସର୍ଦ୍ଦି କାଶ ହୋଇଗଲା, ସିଂଘାଣୀ ଝରିବାକୁ ଲାଗିଲା। ଜେଜେମା ଚଦର ଘୋଡ଼ାଇ ହେଲା। ଶୀତ ମାଣ୍ଡିଆ ବାଡ଼କୁ ଛୁଇଁଲା ଓ ମାଣ୍ଡିଆ ଧୀରେ ଧୀରେ ବଡ଼ ହେଲା। ମକା ବାଡ଼କୁ ବି ଛୁଇଁଲା। ଶୀତ ସବୁ ଆଡ଼େ ଘୁରି ବୁଲିଲା। ମକା ଓ ବାଇଗଣ, କାନ୍ଦୁଲ ଓ ଝୁଡ଼ଙ୍ଗ, ଏଇ ସବୁକୁ ଶୀତ ଆସିଲା। କୁକୁଡ଼ା ଓ କୁକୁରକୁ ଶୀତ ଛୁଇଁଲା, ଶୀତ ଆମ ବଡ଼ ପୋଖରୀକୁ ଛୁଇଁଲା। ପାହାଡ଼କୁ ଶୀତ ଛୁଇଁଲା, ଗାଈ ଓ ଗାଆଁ, ଛେଳି, ବିଲେଇକୁ ଶୀତ ଛୁଇଁଲା।

◆

# ଡଙ୍ଗର କଡ଼ର ଖରା

ଦିନ ଅଉତେ ହେଲାଣି। ହୀରା ନୀଳା ଡଙ୍ଗର, ଉପରକୁ ଖରା ଉଛୁର ହେଉଛି। ସେ ଗଛର ଛାଇ ତା' ଉପରେ। ସେ ଗଛରେ ଛାଇ ଯା ଉପରେ। ଶୀତୁଆ ଶୀତୁଆ ଲାଗୁଛି ହାରା ନୀଳା ଡଙ୍ଗର। ଉପରର ଆକାଶ ଏକେଲା ହେଲେ ବି ନାଗି ଆସିଛି ଡଙ୍ଗର ଦିହକୁ। ଦିହେଁ ଦିହିଁଙ୍କର କୁଟୁମ୍ବ - ଖରାରେ, ଶୀତରେ, ବରଷାରେ। ବରଷାର ଖଣ୍ଡ ଖଣ୍ଡ ମେଘ ହୀରାନୀଳା ଡଙ୍ଗରକୁ କେବେବି ଉଧାର ଦେଇନାହିଁ। ଅଜାଡ଼ି ଦିଏ ବିନା ଡାକରାରେ। ହୀରାନୀଳାର ଗଛ ପତର ଅନାଇଥାନ୍ତି ଆକାଶର ଅଜାଡ଼ିହେବା ପଣକୁ। ଏବେ ଶୀତ ଫେରୁ ଫେରୁ ପୁଣି ଅଟକିଗଲା। ହୀରାନୀଳା ଦେହ ଖରାର ଉଷୁମ ପାଉ ପାଉ ପୁଣି ଶୀତୁଆ ହୋଇଗଲା। ଆଉ ଟିକକ ପରେ ପୁଣି ଡଙ୍ଗର ଦିହ ଉଷୁମ ଲାଗିବ। ଡଙ୍ଗରର ଏପଟରୁ କପୋତ ଘୁମରୁଛନ୍ତି। ଆର ପଟରୁ ଆଉ ଜଣେ ଏହାର ଜବାବ ଦେଉଛି। ପାଖ ଆମ୍ବ ଗଛରୁ ଧାର ଧାର ବଉଳ ଚହଟି ଆସିଲାଣି।

ଉପରର ଖରା ବାଜି ହୀରାନୀଳା ଆହୁରି ଉଜ୍ଵଳ ଦେଖାଯାଉଛି। କିଏ ଅନାନ୍ତୁ ଅବା ନଅନାନ୍ତୁ ତା' ଉଜ୍ଵଳ ପଣକୁ, ହୀରାନୀଳା ଆହୁରି ଉଜ୍ଵଳ ହେଉଛି। ରାତିରେ ତା' ଶାନ୍ତ ଦିହ ଉପରେ ଜହ୍ନ କିରଣ ଠିକ୍ ସକାଳର ସୂରୁଜ କିରଣ ପରି। ଏପଟରୁ ସେପଟ ଯାଏ ହୀରାନୀଳାକୁ ଜହ୍ନ କିରଣ ଭିଜାଇ ଦେଉଛି। ପାଖ କାଣିଯୋଡ଼ି ନଇ, କନ୍ଧ ଡାକୁଲଗୁଡ଼ା ଗାଆଁ, ପାଇକ ଡାକୁଲ ଗୁଡ଼ା ଗାଆଁ ସଭିଏଁ ଶାନ୍ତ କାନ୍ତ ଜହ୍ନ ଆଲୁଅରେ ନିଜ ନିଜର ବିନିଦ୍ର ପରିଚୟ ଦେଇଯାଉଛନ୍ତି। ଆଉ ଦି' ଦିନ ପରେ ଅଗିରା ପୁନେଇଁ। ଶୀତର ମୁରୁଜ ଲିଭି ଲିଭି ଖରାର ମୁରୁଜ ଚହଟି ଆସିବ। ନିୟମଗିରି ଆର ପଟେ ଆକାଶର ଆଲୁଅ ଲୁଟୁ ଲୁଟୁ ଜହ୍ନର ଆଲୁଅ ଉଜାଡ଼ି ହୋଇ ପଡୁଛି। ଗାଆଁ ଗଣ୍ଡାରେ ଏବେ କାନ୍ଦୁଲ ପର୍ବର ତାସା ଓ ନିଶାନ୍ ଗୁମୁରି ଉଠୁଛନ୍ତି। ଭେଦ ନାହିଁ ବୟସର, ଭେଦ ନାହିଁ ବିଚାରର। ସମସ୍ତଙ୍କ ପାଦ



ପଡୁଛି। କାନ୍ଦୁଲ, ଝୁଣୁଙ୍ଗ, କଟିଂ, ଜଅଟା, ଏମିତି କେତେ କେତେ ଫସଲର ପସରା। ମଣିଷ ସଭ୍ୟତାର ଅଙ୍କା ବଙ୍କା ରାସ୍ତାରେ ସାଇତା ହୋଇ ରହିଛି। ଇତିହାସ ଖୋଜିଲେ ବୃଥାଯିବ ସିନା ମଣିଷକୁ ଦେଖିଲେ ଆଶା ବଢ଼ି ବଢ଼ି ଯାଏ। ଡଙ୍ଗରର କେଉଁଠି ଆଉ କେଉଁଠି ଗୋଟିକିଆ ଗଛ। ଆଡ଼ ହୋଇ ଗଲାବେଳେ ଦିହରେ ବାଜୁଛି କାନ୍ଦୁଲ ଫୁଲ। ଜହ୍ନ ଆଲୁଅ ବି ବେଳେବେଳେ ମଣିଷ ଦିହରେ ଆଡ଼ ଆଡ଼ ହୋଇ ବାଜେ। ହୀରାନୀଳା ଡଙ୍ଗର ଦିହରେ ଅପେକ୍ଷମାଣ ଅଗିରା ପୁନେଇଁ ଜହ୍ନ କିରଣ ଆଜି ଆଡ଼ ଆଡ଼ ନହୋଇ ସବୁତକ ଢାଳି ହୋଇଯାଇଛି ବାଛ ବିଚର ନକରି, ଭେଦଭାବ ସବୁତକ ଭୁଲିଯାଇ।

◆

# ମିକୁ



ମନୋରଞ୍ଜନ ତୁଇକା, ଆଦରର ଡାକ ନାମ ମିକୁ। ବାପା ନୁରି ମାଝୀ ତୁଇକା, ମାଆ-ନୀଳିମା ତୁଇକା। ନୁରିମାଝିଙ୍କର ଦି' ଝିଅ, ଗୋଟେ ପୁଅ। ବଡ଼ଝିଅ ରେଣୁକା ତୁଇକା। ଏଥରକ ଦଶମ ଶ୍ରେଣୀ ପରୀକ୍ଷା ଦେଇଛି। ତା' ତଳକୁ ମିକୁ, ସାନ ଝିଅ ମୋନାଲିସା ତୁଇକାଙ୍କୁ ୪ ବର୍ଷ ବୟସ ଚାଲିଛି। ମିକୁର ବାପା ନୁରିମାଝୀ ପିଲାଦିନୁ ନିଜ ବାପା ମାଆଙ୍କୁ ହରାଇଥିଲେ। ଆଈ ଓ ବଡ଼ ବାପାଙ୍କ ଲାଳନ ପାଳନରେ ନୁରିମାଝି କେବଳ ପିଣ୍ଡାପାଠ ପଢ଼ିଥିଲେ। ଆଖପାଖରେ ସେତେବେଳେ ସ୍କୁଲ ନଥିଲା। କି ଗାଆଁରେ ଆଉ କେହି ନଥିଲେ ନୁରିମାଝିଙ୍କୁ ପଢ଼ାଇବା ପାଇଁ। ପିଣ୍ଡା ପାଠରେ ଯେଉଁ ଦି' ଅକ୍ଷର ସେ ପଢ଼ିଥିଲେ, ସେଇଥିରେ ସେ ବୁଝିଥିଲେ ପାଠର ମହତ୍ତ୍ୱ। ତେଣୁ ନିଜ ପୁଅ ଝିଅଙ୍କୁ ପଢ଼ାଇବାରେ, ବଢ଼ାଇବାରେ ସେ ହେଳା କରିନଥିଲେ। ନୁରିମାଝିଙ୍କ ସ୍ତ୍ରୀ ନୀଳିମା ତୁଇକା ମଧ୍ୟ ପଢ଼ିଛନ୍ତି ପଞ୍ଚମ ଶ୍ରେଣୀ। ନୁରିମାଝିଙ୍କର ବାପା ଛଅ ଭାଇ। ସଂପତ୍ତି ଏବେ ମଧ୍ୟ ଭାଗବଣ୍ଟା ହୋଇନାହିଁ।





ଭାଇମାନଙ୍କର ସମୁଦାୟ ଭୂସମ୍ପତ୍ତିର ପରିମାଣ ୪୭ ଏକର। ବୋରିଖାଲ ଗାଆଁକୁ ପଶୁ ପଶୁ ଯେଉଁ ଝରଣା ଦେଖାଯାଏ, ତା' ଦି' ପାଖରେ ଶାଳ ଜଙ୍ଗଲ ମିକୁ ଘରର।

ବୋରିଖାଲ ଗାଆଁରେ ସମସ୍ତେ କୁଇ ଆଦିବାସୀ ସଂପ୍ରଦାୟର। ପୂର୍ବରୁ କିଛି ଅନୁସୂଚିତ ଜନ ଜାତି ପରିବାର ବୋରିଖାଲ ଗାଆଁ ପଛକାନିରେ ଘର କରି ରହିଥିଲେ। ମାତ୍ର ଦୀର୍ଘ କିଛି ବର୍ଷ ହେଲାଣି ସେମାନେ ଏଠାରୁ ଉଠି ନୂଆସାହି ଗାଆଁରେ ଘର ବାନ୍ଧି ରହିଲେଣି। ବୋରିଖାଲ ଗାଆଁକୁ ପଶୁ ପଶୁ ଗାଆଁ ଆରମ୍ଭରେ ବୋରିଖାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ। ପ୍ରଥମରୁ ପଞ୍ଚମ ଶ୍ରେଣୀଯାଏ ପିଲା, ବୋରିଖାଲ୍ ଗାଆଁ, ବଣ୍ଡେଇଗୁଡ଼ା ଓ ନୂଆ ସାହିର ପିଲାଏ, ଏହି ବୋରିଖାଲ ସ୍କୁଲର ଛାତ୍ରଛାତ୍ରୀ। ଜଣେ ପ୍ରଧାନ ଶିକ୍ଷକ ଓ ଆଉ ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କୁ ନେଇ ବିଦ୍ୟାଳୟର ଶିକ୍ଷାଦାନ ଓ ଅନ୍ୟ କାର୍ଯ୍ୟକ୍ରମ ସଂପାଦିତ ହୁଏ।

ବୋରିଖାଲ ଗାଆଁରେ ଶିକ୍ଷଣ କେନ୍ଦ୍ର ୨୦୨୦ ମସିହାରେ ଆରମ୍ଭ ହେଲା ଏବଂ ଶିକ୍ଷାସାଥୀ ମାନସିଂ ତୁଇକା ଶିକ୍ଷାଦାନ କାର୍ଯ୍ୟରେ ନିଜକୁ ସଂପୃକ୍ତ କରାଇଲେ। କରୋନା ସମୟରେ ମାନସିଂ ପିଲାଙ୍କୁ ଲୁଚି ଛପି ପଢ଼ାଉଥିଲେ। ଗୋପୀନାଥ ତୁଇକାଙ୍କ ଘରେ ମଧ୍ୟ ମାନସିଂ ପିଲାଙ୍କୁ ନେଇ କିଛି ଦିନ ପଢ଼ାଉଥିଲେ।

ବୋରିଆଲ ଗାଆଁ ଆରମ୍ଭରେ ମିକୁଘରର ଗୋଟେ ଛୋଟ ଦୋକାନ ଅଛି। କୋକାନରେ ବେଳେବେଳେ ମିକୁ କିଣାବିକା କରେ, ଏହି କିଣାବିକାର ଅଭିଜ୍ଞତା ମିକୁର ପାଠପଢ଼ାକୁ କିଛି ଦିଗରୁ ପ୍ରଭାବିତ କରିଥିଲା।

ବୋରିଖାଲ ଗାଆଁରେ ୨୦୨୨ ମସିହା ଅକ୍ଟୋବର ମାସ ବେଳକୁ ଅଭିମନ୍ୟୁ ତୁଇକାଙ୍କୁ ଶିକ୍ଷା ସାଥୀ ରୂପେ ଗ୍ରହଣ କରି ନବୋଦୟ ଶିକ୍ଷଣକେନ୍ଦ୍ର ଆରମ୍ଭ ହେଲା।

ଅଭିମନ୍ୟୁ ଥିଲେ ଜଣେ ଧୀମାନ୍ ଉଦୀୟମାନ ଆଦିବାସୀ ଯୁବକ । ବୋରିଖାଲ, କାଙ୍କବାଡ଼ି, ଘୋଷାପାଡ଼ି, ଜାମ୍ବୁଗୁଡ଼ା, ଜଗନ୍ନାଥପୁର ଗାଆଁର ପିଲାମାନେ ଏହି କେନ୍ଦ୍ରକୁ ପଢ଼ିବାକୁ ଆସୁଥିଲେ । ଏମାନଙ୍କ ମଧ୍ୟରେ ମିକୁ ଓ ପଙ୍କଜିନୀର ପଠନ ଆଗ୍ରହ ବେଶ୍ ଜଣାପଡ଼ିଯାଉଥିଲା ଏବଂ ଆଶା କରାଯାଉଥିଲା ଏହି ଦୁଇଜଣ ନବୋଦୟ ପରୀକ୍ଷାରେ ସଫଳତା ପାଇବେ ।

ମିକୁର ଅନ୍ୟ ପାଠ ତୁଳନାରେ ଇଂରାଜୀ ପ୍ରତି ଭୟ ଓ ଦୁର୍ବଳତା ରହିଥିଲା । ମାତ୍ର ଇଂରାଜୀ ଭାଷାରେ ଦକ୍ଷତା ଅର୍ଜନ କରିବାପାଇଁ The Hindu ଖବରକାଗଜ, Word Book, ଛୋଟ ଛୋଟ ବାକ୍ୟ ଗଠନ, Translation, ଇଂରାଜୀ ବହି ପଠନରେ ସଂପୃକ୍ତ କରାଗଲା । ଧୀରେ ଧୀରେ ଇଂରାଜୀ ଭାଷା ପ୍ରତି ଆଦର ବଢ଼ିଲା ଓ ଭୟ ତୁଟିଗଲା । ଗାଆଁରୁ ପିଲାଏ ଆସୁଥିବାରୁ ସେମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ବୃଦ୍ଧି ପାଇଲା । ଏହା ବ୍ୟତୀତ ବିଭିନ୍ନ ସମୟରେ ସେମାନଙ୍କୁ ସାହିତ୍ୟ ବହିର ବିଭିନ୍ନ ପାଠକୁ ମଧ୍ୟ ପର୍ଯ୍ୟାଲୋଚନା କରାଗଲା । ଏସବୁଥିରେ ମିକୁ ନିଜର ଦକ୍ଷତା ଦେଖାଇବାରେ ସକ୍ଷମ ହେଉଥିଲା । ନବୋଦୟ ଗାଇଡ୍, ଆଦର୍ଶ ଗାଇଡ୍‌ର ମଧ୍ୟ ବ୍ୟବହାର କରାଯାଇ ମିକୁ ଦକ୍ଷତାର ଗୁଣାତ୍ମକ ଦିଗକୁ ସଫଳ କରିବାରେ ପଦକ୍ଷେପ ଗ୍ରହଣ କରାଯାଉଥିଲା । ଏହା ବ୍ୟତୀତ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ମିକୁ ଅନ୍ୟମାନଙ୍କ ସହ ନିଜର ପାରଦର୍ଶିତା ଦେଖାଇପାରୁଥିଲା । ନିୟମିତ କେନ୍ଦ୍ର ପରିଦର୍ଶନରେ ମିକୁର ହସ୍ତାକ୍ଷର (ଇଂରାଜୀ ଓ ଓଡ଼ିଆ) ଦେଖା ଠାରୁ ଆରମ୍ଭ କରି ଅନ୍ୟ ବିଷୟଗୁଡ଼ିକୁ ମଧ୍ୟ ଯଥୋଚିତ ଧ୍ୟାନ ଦିଆଗଲା । ନିଜର ସହପାଠୀ ବିକାଶ, ଦୀପକ, ବନ୍ଦନା ଆଦି ସହ ମିକୁ ସବୁବେଳେ ଅଭିମନ୍ୟୁଙ୍କ ନଜରରେ ରହି ପାଠପଢ଼ାକୁ ଆଗେଇ ନେଉଥିଲା । ଅଭିମନ୍ୟୁଙ୍କ ଘର ବୋରିଖାଲରେ ହୋଇଥିବା ଯୋଗୁଁ ପିଲାଙ୍କ ପାଠପଢ଼ାକୁ ଅଧିକ ସମୟ ଅଭି ଦେଖିପାରୁଥିଲେ । ବିଶେଷଭାବେ ମାନସିକ ଦକ୍ଷତାକୁ ମିକୁ ଅକ୍ଳେଶରେ କରିଦେଉଥିଲା । ପରିବେଶ ବିଜ୍ଞାନ ଓ ଭୂଗୋଳକୁ ମଧ୍ୟ ମିକୁ ଅକ୍ଳେଶରେ ଆୟତ୍ତ କରିନେଉଥିଲା । ଅକ୍ଷର ଗୁଡ଼ିକ ବିଶେଷଭାବେ ଇଂରାଜୀ ଅକ୍ଷର ଗୁଡ଼ିକ ଅତି ସୁନ୍ଦର ଭାବେ ମିକୁ ଲେଖୁଥିଲା । ଶିକ୍ଷଣ କେନ୍ଦ୍ର ଆରମ୍ଭ ହେବା ସମୟରେ ପିଲାଙ୍କର ଆଗ୍ରହ ସେତେଦୂର ନଥିଲା, ମାତ୍ର ବାରମ୍ବାର ସେ ଗାଆଁକୁ ଏପରିକି ରବିବାର ଦିନରେ ମଧ୍ୟ ପିଲାଙ୍କୁ ନେଇ ଚିତ୍ରାଙ୍କନ କାର୍ଯ୍ୟରେ ଯେଉଁ ଅବସର ସୃଷ୍ଟି କରାଗଲା, ତାହା ପିଲାଙ୍କ ଆଗ୍ରହକୁ ଆଗକୁ ନେଲା । ଏହି ଆଗ୍ରହରେ ମିକୁ ମଧ୍ୟ ନିଜକୁ ସାମିଲ କରିନେଲା ।

◆



# ପଙ୍କଜିନୀ



ତା୨୨.୦୨.୨୦୨୨ ରିଖ । ଘୋଷାପାଡ଼ି ଗାଆଁର ନାରନ୍ ହିକ୍କା ଆଖି ବୁଜିଲେ । ଭେଣ୍ଡିଆ ନାରୁନ୍ ହିକ୍କା ଆଖି ବୁଜିଲେ । ଲିଭର୍ ଆଉ କାମ ଦେଲାନାହିଁ । ବ୍ରହ୍ମପୁର ବିସମକଟକର ଚିକିତ୍ସା ଆଉ ସୁହାଇଲା ନାହିଁ । ନାରନ୍ ହିକ୍କା ଆଖି ବୁଜିଲେ ।

ନାରନ୍ ହିକ୍କା ଓ ରଶ୍ମୀତା ହିକ୍କାଙ୍କ ପୁଅ ଝିଅ ତିନୋଟି । ବଡ଼ ଝିଅ ଧରିତ୍ରୀ ହିକ୍କା, ତା' ତଳକୁ ପଙ୍କଜିନୀ, ପଙ୍କଜିନୀ ତଳକୁ ପୁଅ ପଦ୍ମନ । ପଙ୍କଜିନୀ ଓ ପଦ୍ମନ ଯାଆଁଳା ଭାଇଭଉଣୀ । ଜନ୍ମ ହେବାର ବ୍ୟବଧାନ ଦୁହିଁଙ୍କ ଭିତରେ କେଇ ଘଣ୍ଟା । ବଡ଼ ପଙ୍କଜିନୀ ।

ନାରନ୍ ହିକ୍କା ୧୦ମ ପର୍ଯ୍ୟନ୍ତ ପଢ଼ିଥିଲେ । ସ୍ତ୍ରୀ ରଶ୍ମୀତା ମଧ୍ୟ ଦଶମ ପର୍ଯ୍ୟନ୍ତ ପଢ଼ିଥିଲେ । ତେଣୁ ପିଲାମାନଙ୍କର ଶିକ୍ଷାଦୀକ୍ଷା ପ୍ରତି ସେମାନେ ଥିଲେ ଖୁବ୍ ସଚେତନ । ପଙ୍କଜିନୀ କିଛିଦିନ ଲାଗି ବିସମକଟକର ଶିଶୁ ମନ୍ଦିରରେ ପଢ଼ିଥିଲା । ମାତ୍ର ବାପାଙ୍କର ଅକସ୍ମାତ୍ କାଳପରେ, ସେ ଘୋଷପାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଇଲା - ଏହା ବାଦ୍ ଘୋଷପାଡ଼ି କ୍ଲୋରୋଫିଲ୍ ଶିକ୍ଷଣ କେନ୍ଦ୍ର ରଶ୍ମୀତା ହିକ୍କାଙ୍କ ଦାଣ୍ଡ ପିଣ୍ଡାରେ ହେଉଥିବାରୁ ପିଲା ଦୁହିଁଙ୍କର ଶିକ୍ଷଣ ପ୍ରଗତି



ନିମନ୍ତେ ଏହା ଖୁବ୍ ସହାୟକ ହେଲା। ନାରୁନ୍‌ଙ୍କର କାଳ ହୋଇଗଲା ପରେ ରଶ୍ମୀତା ପିଲା ତିନୋଟିଙ୍କର ପାଠପଢ଼ା ପ୍ରତି ଅଧିକତର ସଚେତନ ହେଲେ। ଗାଆଁର ଅନ୍ୟ ବାପାମାଆଙ୍କ ଠାରୁ ସେ ଶିକ୍ଷଣ କେନ୍ଦ୍ରର ପାଠପଢ଼ାକୁ ଅଧିକ ନଜର ଦେଉଥିଲେ। ଶିକ୍ଷାସାଥୀ ଅଞ୍ଜନାଙ୍କ ଘର ଲାଗିଛି ରଶ୍ମୀତାଙ୍କ ଘରକୁ। ଶିକ୍ଷଣ କେନ୍ଦ୍ର ପରିଦର୍ଶନରେ ରଶ୍ମୀତାଙ୍କ ସହ ମୋର ବାରମ୍ବାର ସାକ୍ଷାତ୍ ଘଟୁଥିଲା। ଇତି ମଧ୍ୟରେ ନିବୋଦୟ ଆଦର୍ଶ, ଏକଲବ୍ୟ ପ୍ରବେଶିକା ପରୀକ୍ଷା ପାଇଁ ବୋରିଖାଲ୍‌ରେ ପଞ୍ଚମ ଶ୍ରେଣୀ ପିଲାଙ୍କର ତତ୍ତ୍ୱାବଧାନ ଅଭି ତଦାରଖ କଲେ। ବିଭିନ୍ନ ସମୟରେ ଘୋଷପାଡି ଗାଆଁକୁ ଆମ୍ଭମାନଙ୍କର ଯାତାୟତ ଲାଗି ରହିଲା। ଘୋଷପାଡ଼ି ଗାଆଁର ଡିଲୁ, ପଦ୍ମନ ଓ ପଙ୍କଜିନୀଙ୍କୁ ନେବା ଆଣିବା କରିବାର ବ୍ୟବସ୍ଥା କରାଗଲା। ତିନିଜଣ ପିଲାଙ୍କୁ ଡିଲୁର ବାପା ଗୋଟେ ମୋଟର ସାଇକେଲରେ ନେବା ଆଣିବା କରୁଥିଲେ। ଏହାଥିଲା ଆମ ପାଇଁ ଆହ୍ୱାନ। ଡିଲୁ, ପଦ୍ମନ ଓ ପଙ୍କଜିନୀ ଭିତରେ ପଙ୍କଜିନୀର ସ୍ୱତଃପ୍ରବୃତ୍ତ ଶିକ୍ଷଣ ଧାରାକୁ କ୍ରମେ ପୁଷ୍ଟ କରି ଆଣୁଥିଲା। ଭାଇ ପଦ୍ମନ ଅପେକ୍ଷା ସେ ଥିଲା ଅନେକ ପାଠମଗ୍ନ ପିଲାଟିଏ। ଘରେ ରୋଷେଇ ସାରି, ଖରାବେଳେ ଖାଇବାକୁ ଧରି ଭାଇଭଉଣୀ ଦି' ଜଣ ବୋରିଖାଲକୁ ଆସୁଥିଲେ। ତୁଳସୀ ଦି' ପତ୍ରରୁ ବାସିଲା ପରି, ପ୍ରଥମ ଦିନରୁ ହିଁ ପଙ୍କଜିନୀର ପାରଦର୍ଶିତା ବାରି ହୋଇପଡୁଥିଲା। ଶୀତଦିନେ କୁହୁଡ଼ିର ମାତ୍ରା ଥିଲା ଅଧିକ। ଡିଲୁର ବାପା ଦିନେ ପିଲା ତିନିଜଣଙ୍କୁ ମୋଟର ସାଇକେଲ୍‌ରେ ଆଣୁ ଆଣୁ ବିପରୀତ ଦିଗରୁ ଆସୁଥିବା ଅଟୋରିକ୍ସା ଯୋଗୁଁ ଭାରସାମ୍ୟ ରକ୍ଷା କରିପାରିଲେ ନାହିଁ। ସାମାନ୍ୟ ଆହତ ହେବାର ଯନ୍ତ୍ରଣାରେ ଘଟଣାଟି ସୀମିତ ରହିଲା। ଡିଲୁର ବାପାଙ୍କ ଜଖମ ଅଧିକ ଥିବାରୁ ସେ ଆଉ ନେବା ଆଣିବା କଲେ ନାହିଁ। ଠିକ୍ ଏତିକି ବେଳକୁ ଲକ୍ଷ୍ମୀବସ୍‌ର ଚଳାଚଳ ଆରମ୍ଭ ହେଲା। ଘୋଷପାଡ଼ିରୁ ବୋରିଖାଲକୁ



ପିଲାଏ ଆସିବା ସହଜ ହେଲା। ମାତ୍ର ଫେରନ୍ତା ବସ୍ ଶୀଘ୍ର ଆସୁଥିବାରୁ ଏହା ମଧ୍ୟ ଆଉ ଏକ ଆଶଙ୍କାର ସୂତ୍ରପାତ ଘଟାଇଲା। ପିଲାଏ ତଥାପି ଏହି ଆଶା ଓ ଆଶଙ୍କା ମଧ୍ୟରେ ବସ୍ ଧରି ବୋରିଖାଲ୍‌କୁ ପଢ଼ିବାକୁ ଆସିଲେ।

ମିକୁ ଭଳି ପଙ୍କଜିନୀର ଇଂରାଜୀ ପ୍ରତି ଥିଲା ଭୟ। ମାତ୍ର ଭୟ ହଟାଇବା ପାଇଁ ଛୋଟ ଛୋଟ ବାକ୍ୟ ଗଠନ, Word Bookର ବ୍ୟବହାର, The Hindu ଖବର କାଗଜର ବ୍ୟବହାର, ପାଠ ବହିରୁ ପଠନ, ଏସବୁ କେତୋଟି ଦିଗର ପ୍ରୟୋଗ ଫଳରେ ଇଂରାଜୀ ପ୍ରତି ଶ୍ରଦ୍ଧା ଉତ୍ତରୋତ୍ତର ଭାବେ ବଢ଼ିବାକୁ ଲାଗିଲା। ଅନ୍ୟ ବିଷୟ ପ୍ରତି ଇଂରାଜୀକୁ ମଧ୍ୟ ପଙ୍ଗଜିନୀ ଆଦରିନେଲା। ଅକ୍ଷର ଗୁଡ଼ିକ ପଙ୍କଜିନୀର ଥିଲା ଖୁବ୍ ସୁନ୍ଦର।

ବାପାଙ୍କ ଅକସ୍ମାତ କାଳକୁ ପଦ୍ମନ ସହଜରେ ଗ୍ରହଣ କରିପାରୁନଥିଲା, ମୁଖାଗ୍ନି ଦେଇଥିବାରୁ ଅନେକ ସମୟରେ ସେ ଦୃଶ୍ୟ ତାକୁ ବିଚଳିତ କରିଦେଉଥିଲା। ମାତ୍ର ପଙ୍କଜିନୀ ଧୀରେ ଧୀରେ ଏ ଦୁଃଖକୁ ସାମ୍ନା କରିବା ଶିଖିନେଇଥିଲା। ବାପାଙ୍କ ଦ୍ୱାରା ପରିଚାଳିତ କୁକୁଡ଼ା ଫାର୍ମରେ ମାଆ ରଶ୍ମୀତା ବହୁ ସମୟରେ ବ୍ୟସ୍ତ ରହୁଥିଲେ। ଏହାବ୍ୟତୀତ ଭାଗ ଚାଷକୁ ସେ ଆଦୌ ଗ୍ରହଣ ନକରି ନିଜ ହାତରେ ସବୁ ଜମି ଚାଷ କରୁଥିଲେ। ଧାନ ଚାଷ ସହ, ପନିପରିବା ଚାଷକୁ ମଧ୍ୟ ରଶ୍ମୀତା ଆଦରି ନେଇଥିଲେ। ଘର କାମକୁ ବୁଝି ନେଉଥିଲା ପଙ୍କଜିନୀ। ଏହାବାଦ୍ ଗାଆଁ ସ୍କୁଲରେ ପଙ୍କଜିନୀକୁ ପାଠପଢ଼ାର ସୁଯୋଗ ମିଳିବା ଅପେକ୍ଷା, ସେ ସ୍କୁଲ ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ପ୍ରମୁଖ ସ୍କୁଲକୁ ନିୟମିତ ଆସୁନଥିବା ଦର୍ଶାଇ ପଙ୍କଜିନୀଙ୍କୁ ଗାଳିମନ୍ଦ ଦେଉଥିଲେ। ଯଦିଚ ବିଶେଷ ଶିକ୍ଷଣ କେନ୍ଦ୍ରରେ ପଙ୍କଜିନୀର ପାଠପଢ଼ାକୁ ଯଥେଷ୍ଟ ଗୁରୁତ୍ୱର ସହ ନେଉଥିଲେ। ଶିକ୍ଷା ସାଥୀ ଅଭିମନ୍ୟୁ ଡୁଇକା ସମସ୍ୟା ଓ ଆଶଙ୍କା ଭିତରେ ପଙ୍କଜିନୀର ପାଠପଢ଼ା ଅବଶେଷରେ ସଫଳତା ଲାଭ କଲା। ପଙ୍କଜିନୀ ନବୋଦୟ ପ୍ରବେଶିକାରେ ଉତ୍ତୀର୍ଣ୍ଣ ହେଲା।

◆

# ମାଆ ଛେଉଣ୍ଡ ବିକାଶ

ପଙ୍ଗୁଲି ଗାଆଁ, କଲ୍ୟାଣସିଂପୁରର ବୋହୂ ଅପ୍ରତି ତୁଇକା, ବିସମକଟକ, ବୋରିଖାଲ ଗାଆଁର ଝିଅ ଅପ୍ରତି ତୁଇକା। ଅର୍ଜୁନ ହିକ୍‌କାଙ୍କ ସ୍ତ୍ରୀ ଅପ୍ରତି ତୁଇକା। ଦି' ଝିଅ ସସ୍ମିତା ଓ ଅର୍ଚ୍ଚିତାଙ୍କୁ ଜନ୍ମ ଦେଇସାରି ବାପା ଯେ ଅପ୍ରତି ବିଛଣା ଧରିଲେ। ହାତ ଗୋଡ଼ ଉଠାଇବା ପାଇଁ ବଳ ବି ପାଇଲା ନାହିଁ। ଭଉଣୀର ଏ ଦୁରବସ୍ଥା ଦେଖି ଭାଇ ଗୋପୀନାଥ ତୁରକା ଚିକିତ୍ସା ନିମନ୍ତେ ନିଜ ଘରକୁ ନେଇଆସିଲେ। କାରଣ ଅର୍ଜୁନ ହିକ୍‌କାଙ୍କ ଘରେ ସେବା ଯତ୍ନ ନିମନ୍ତେ ଆଉ ଦ୍ୱିତୀୟ କେହି ନଥିଲେ। ବିଛଣାରେ ବର୍ଷେ ଖଟରେ ପଡିଲା ପରେ ଅପ୍ରତି ତୁରକା ଆଖି ବୁଜିଲେ। ପୁଅ ବିକାଶକୁ ସେତେବେଳେ ଦେଢ଼ ବର୍ଷ ହେବ। ସେହି ଦିନଠାରୁ ବିକାଶ ମାମୁ ଗୋପୀନାଥ ତୁଇକାଙ୍କ ନିକଟରେ ରହିଗଲା ଯେ ରହିଗଲା। ଗୋପୀନାଥ ତୁରକାଙ୍କୁ ସେ ବାପା ବୋଲି ଡାକି ପରିଚୟ ଦେବାକୁ ଆରମ୍ଭ କଲା। ମାମୁ ଘରେ ବଡ଼ ଦି'ଭଉଣୀ ରହି ପାଠ ପଢ଼ିଲେ। ଏଥରକ ଦୁଇଜଣ ଯାକ ମାଟ୍ରିକ୍ ପରୀକ୍ଷା ଦେଇଛନ୍ତି।

ବିକାଶର ମାମୁ ଘର ବୋରିଖାଲ ପାଲଟିଗଲା ବିକାଶର ନିଜ ଗାଆଁ। ଗାଆଁ ସ୍କୁଲ ବୋରିଖାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିକାଶର ନାଁ ଲେଖାଗଲା। ଇତି ମଧ୍ୟରେ ବୋରିଖାଲ ଗାଆଁଠୁ ବ୍ଲୋଲାପିଠଲ୍ ଫାଉଣ୍ଡେସନର ଶିକ୍ଷଣା ଗାଆଁ ରୂପେ ଗ୍ରହଣ କରାଗଲା। ଶିକ୍ଷା ସାଥୀ ରୂପେ ମାନସିଂ ତୁଇକା କାର୍ଯ୍ୟରେ ଯୋଗଦେଲେ। ଗାଆଁ ପିଲାମାନଙ୍କୁ ଶିକ୍ଷା ଦେବା କାର୍ଯ୍ୟରେ ମାନସିଂଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କୁ ନିୟମିତ ସ୍କୁଲକୁ ଅସିବାପାଇଁ ଏକ ଶିକ୍ଷଣ କନ୍ଦ୍ରେକୁ ଆସିବାପାଇଁ ସେ ଜୋର୍ ଦେଉଥିଲେ। ବିଭିନ୍ନ ସମୟରେ ଆଲୋଚନା ବେଳେ ପ୍ରତି ପିଲାଙ୍କ ବିଷୟରେ ଆଲୋଚନା କରୁଥିଲେ। ବିକାଶ ତା'ର ଅନ୍ୟ ସାଥୀ ମନୋରଞ୍ଜନ, ଦୀପକ ଏବଂ ବନ୍ଦନା ସହ ପାଠ ପଢ଼ିଲା।

ଇତି ମଧ୍ୟରେ ବୋରିଖାଲ ସ୍କୁଲକୁ କେନ୍ଦ୍ର କରି ନବୋଦୟ ପିଲାଙ୍କ ଲାଗି କେନ୍ଦ୍ରଟିଏ ଆରମ୍ଭ କରିବା ଯୋଜନା ପ୍ରସ୍ତୁତ ହେଲା। କେନ୍ଦ୍ରଟିକୁ କିଏ ପରିଚାଳନା କରିବ ଏହି



ଅନୁସନ୍ଧାନରେ ମାନସିଂ ମୋ ସହ ସାମିଲ ହେଲେ ଏବଂ ଅଭିମନ୍ୟୁ ତୁଇକାଙ୍କୁ ଆବିଷ୍କାର କରାଯାଇଥିଲା। ସକାଳୁ ରାତିଯାଏ ଅଭି ବୋରିଖାଲ ସ୍କୁଲରେ କେନ୍ଦ୍ର ପରିଚାଳନା କରୁଥିଲେ।

ଅନ୍ୟ ପିଲାଙ୍କ ତୁଳନାରେ ବିକାଶର ଅକ୍ଷର ସେତେ ବେଶୀ ସୁନ୍ଦର ନଥିଲା। ମାତ୍ର ଭାବିଚିନ୍ତି ଉତ୍ତର ଦେବାରେ ସେ କେବେ ହେଲେ ପଛଉ ନଥିଲା। ବେଳେବେଳେ ଖରାବେଳେ ଆମେ କେଇଜଣ ସାଙ୍ଗ ହୋଇ ଖାଉଥିଲୁ। ସେତେବେଳେ ମଧ୍ୟ ବିଭିନ୍ନ ଦୃଷ୍ଟିକୋଣରୁ ପାଠ କଥା ଆଲୋଚନା କରାଯାଉଥିଲା। ଶ୍ରେଣୀ କକ୍ଷରେ ବିକାଶ ଥିଲା ଅତ୍ୟନ୍ତ ମନୋଯୋଗୀ ଓ ଆଜ୍ଞାନୁବର୍ତ୍ତୀ। ବେଳେବେଳେ ତା' ଦେହ ଖରାପ ହେଉଥିଲା। କିନ୍ତୁ ବିକାଶକୁ ପାଠର ଆଶଙ୍କା ଆଶାର ସାନ୍ତ୍ୱନା ଦେଇଯାଉଥିଲା। ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ଉଦ୍ଦିଷ୍ଟ ଗାଇଡ୍ ବହିର ପ୍ରଶ୍ନୋତ୍ତର ଗୁଡ଼ିକୁ ବିକାଶ ଧୀରେ ଧୀରେ ଆପଣେଇ ନେଉଥିଲା। ବିଶେଷଭାବେ ଲିଖିତ ପାଠ ଅପେକ୍ଷା ବିକାଶର କହିବା କ୍ଷମତା ଅଧିକ ଥିଲା। ତା'କୁ ଗମ୍ଭୀର ହେବାର କେହି କେବେ ଦେଖି ନାହିଁ। ସବୁବେଳେ ହସ ହସ। ଥବବା ବିକାଶକୁ କେହି କେବେ ଆତ୍ମ ବିଶ୍ୱାସ ହରାଇବାର ଦେଖିନାହିଁ କି କିମ୍ବା ପରୀକ୍ଷାକୁ ଯିବା ପୂର୍ବରୁ ଆଶଙ୍କା ଜର୍ଜରିତ କେହି କେବେ ଦେଖିନାହିଁ।

ପାଠ ପଢ଼ାଯିବାର ଭୟ ଶୂନ୍ୟ ତରିକା ବା କୌଶଳ ବିକାଶକୁ ଖୁବ୍ ପ୍ରଭାବିତ କରିପାରିଥିଲା ଏବଂ ବିକାଶ ଉଭୟ ଆଦର୍ଶ ଓ ଏକଲବ୍ୟ ପରୀକ୍ଷାରେ ସଫଳତା ପାଇଥିଲା। ବିକାଶକୁ ଯେବେ ଦେଖା ହୋଇଥିଲା ତା' ମାଆଙ୍କ ନାମ ପଚାରିବାରୁ ବିକାଶର ଉତ୍ତର ଥିଲା, "ବଞ୍ଚିବା ମାଆର ନାମ କହିବି ନା ମଲା ମାଆର ନାମ କହିବି ?" ବିକାଶ ତା' ମାଆକୁ ଦେଖିନଥିଲା। ଜ୍ଞାନ ଆସିବା ପୂର୍ବରୁ ତା' ମାଆ ସରଗର ତାରା ହୋଇଯାଇଥିଲେ। ବାପା ତା'ର ଦ୍ୱିତୀୟ ବିବାହ କରିସାରିଥିଲେ ମଧ୍ୟ ବୋରିଖାଲ ଗାଆଁ ବିକାଶର ଗାଆଁ ବୋଲି ଏବେ ବି ଏଡ଼ିଦେଇ ହୁଏ ନାହିଁ।

◆

# ସୁନାରିଗୁଡ଼ାର ସୁନାମୁଣ୍ଡା ତରଣୀ

ବିଷମକଟକ ବ୍ଲକ। ରାୟଗଡ଼ା ଜିଲ୍ଲାର ଆଉ କେତେକ ବ୍ଲକ ଭଳି, ବିଷମକଟକ ମଧ୍ୟ ଗୋଟିଏ ବ୍ଲକ। ବ୍ଲକର ସଦର ମହକୁମା ବି ବିଷମକଟକ। ବିଷମକଟକ ବଜାର ଉପରୁ ଖଣ୍ଡେ ଡାହାଣହାତୀ ରାସ୍ତା ପଡିଛି ଡୁକୁମ ଛକରୁ ଡେଇଁ ଡେଇଁ ଆଗକୁ ଆଗକୁ। ଡୁକୁମ ଛକରୁ ତଳକୁ ଗଡ଼ି ଗଲେ ରତା ଟିକିରି, ମୁଣ୍ଡିଗୁଡ଼ା। ପଣସପଦର ଛକ। ପଣସପଦର ଛକ କାନି ସୁନାରିଗୁଡ଼ା ଗାଁଆଁ।

ଶ୍ରୀମତୀ ଗୁରୁବାରୀ ଭଗି ଓ ଶ୍ରୀଯୁକ୍ତ ରାମ ଭଗିଙ୍କ ଘର ଏଇ ସୁନାରିଗୁଡ଼ା ଗାଁଆଁରେ। ଶ୍ରୀଯୁକ୍ତ ରାମ ଭଗିଙ୍କ ସଂସାର କହିଲେ ସ୍ତ୍ରୀ ଓ ତିନିପୁଅଙ୍କୁ ନେଇ। ବଡ଼ ତରଣୀ ଭଗି, ମଝିଆ ଲବ ଭଗି ଓ ସାନ ରାଜେଶ ଭଗି। ରମା ଭଗିଙ୍କର ଜମିବାଡ଼ି ବିଶୁଏ ହେଲେ ନାହିଁ। କୁଲିଭୂତି କରି ସଂସାର ଚଳେ। ବେଳେବେଳେ ଡଙ୍ଗର ଚାଷରୁ ମଧ୍ୟ ଘରର ଖର୍ଚ୍ଚ ଭରଣା ହୋଇଯାଏ। କିନ୍ତୁ ଧୀରେ ଧୀରେ ଫରେଷ୍ଟ ବିଭାଗ ଆଉ ଡଙ୍ଗର ଚାଷକୁ ଛାଡୁ ନଥିବାରୁ ଡଙ୍ଗର ଚାଷ ବି କମି କମି ଗଲାଣି। ତେଣୁ କୁଲିଭୂତି ଉପରେ ନିର୍ଭର ବେଶୀ ବଢୁଛି। ଏହି ଅଭାବ ଗୁଜୁରାଣ ମଧ୍ୟରେ ରାମ ଭଗି ତିନି ପିଲାଙ୍କ ପାଠପଢ଼ା କଥା ଭୁଲି ନାହାନ୍ତି। ବଡ଼ ପୁଅ ତରଣୀ ସ୍ଥାନୀୟ ମହାବିଦ୍ୟାଳୟରୁ +୩ ଶ୍ରେଣୀ ପାସ କରିଛି। ମଝିଆ ଲବ ଚଳିତବର୍ଷ (+୨) ପରୀକ୍ଷା ଦେଇଛି ଏବଂ ସବାସାନ ରାଜେଶର ଏହିବର୍ଷ ସପ୍ତମରେ ନାଁ ଲେଖା ହେବ।

ତରଣୀ ବି ବେଳେବେଳେ ବାପାଙ୍କ ସହ ମୂଲ ମଜୁରୀକୁ ଯାଆନ୍ତି। ମଜୁରୀ ବାବଦକୁ ଦିନକୁ ଟ.୨୦୦.୦୦ ମିଳେ। ସେତେବେଳେ କଲେଜ ପଢ଼ା ସାଙ୍ଗଙ୍କୁ କୁଲିଭୂତି କରି କିଛି କିଛି ପଇସା ଘରକୁ ଆଣୁଥିଲେ, କୁହନ୍ତି ତରଣୀ। ଏହି (+୨) ସମୟରେ ଗାଁଆଁ ପିଲାଙ୍କୁ ମଧ୍ୟ ପାଠ ପଢ଼ାଉଥିଲେ ତରଣୀ। ଗାଁଆଁର ଆଠ ନଅ ଜଣ ପିଲାଙ୍କୁ ପଢ଼ାଇଲି ଖାଲିରେ ଖାଲିରେ। ପିଲାମାନଙ୍କ ମାଆମାନେ କହିଲେ, "ତରଣୀ ତୁ' ତ ପାଠ ପଢ଼ିଛୁ, ଆମ ପିଲାଙ୍କୁ ଟିକେ ପଢ଼ା। ମାଆମାନଙ୍କ କଥା ରଖି ମୁଁ ପିଲାଙ୍କୁ ପଢ଼ାଇଲି। ଦିନେ ଗାଁଆଁକୁ ସିର୍ଦ୍ଧାର୍ଥ ସାର୍, ଶିବସାର୍ ଆସିଥିଲେ। ପିଲାଙ୍କୁ ପଢ଼ାଉଥିବାର ସେମାନେ ଦେଖିଲେ।



ତା'ପରେ ସେମାନେ ମୋ ଦାଦାଙ୍କ ସହ କଥା ହେଲେ, ମୁଁ କ୍ଲୋରୋଫିଲ୍‌ରେ ଯୋଗଦେବି ବୋଲି ସୁଚନା ଦେଲେ। ଏହାପରେ ମୁଁ ୨୦୧୯ ନଭେମ୍ବର ମାସରେ କ୍ଲୋରୋଫିଲ୍‌ରେ କାମରେ ଜଏନ୍ କଲି। ହଁ, ଏବେ ତ ପିଲା Direct Join କରୁଛନ୍ତି, କିନ୍ତୁ ମୁଁ ଗୋଟେ ମାସ ଡେମୋ କ୍ଲାସ ଦେଇଥିଲି। ତା'ପରେ ଜଏନ୍ କଲି। ମାସକୁ ୩୦୦୦ (ତିନି ହଜାର ଟଙ୍କା ମାତ୍ର) ଦରମା ପାଇଲି। ଜଏନ୍ କରିବାର ଛଅ ମାସ ପରେ ଭୁବନେଶ୍ୱରକୁ ଟ୍ରେନିଂ ଲାଗି ଯାଇଥିଲି।

ଦିନକର କଥା। CISF ପରୀକ୍ଷା ଲାଗି ମୁଁ ଭୁବନେଶ୍ୱର ଯାଇଥିଲି। ଶୀତଦିନ। ପରୀକ୍ଷା ସରିବା ପରେ ମୁଁ ଷ୍ଟେସନ୍‌ରେ ରାତି ଖାଇବା ଲାଗି ବସିଥିଲି। ଏତିକିବେଳେ ଦେଖିଲି, ମାଆ ଜଣେ ମୋତେ ଅନାଇବସିଛି। ତା' ଆଖିରୁ ଜାଣିପାରିଲି, ସେ ଖୁବ୍ ଭୋକିଲା। ପାଖରେ ଛୁଆ ଦିଓଟି। ଆଉ ଖାଇବି କ'ଣ ? ଭାଙ୍ଗିଥିବା ଅଧା ବ୍ରେଡ୍‌କୁ ପୂରା ଦେଇଦେଲି। କଥା ହେଉ ହେଉ ବୁଝିଲି ଯେ, ଶୋଇବା ଲାଗି ଲୁଗା ଖଣ୍ଡିଏ ବି ନାହିଁ। କାନ୍ଥରେ ଲଗାଯାଇଥିବା ପୋଷ୍ଟର ଗୁଡିକୁ ସେ ମାଆ ଜଣକ ବିଛଣା ରୂପେ ବ୍ୟବହାର କରୁଛନ୍ତି।

ତରଣୀଙ୍କ ସହ ମୋ'ର ଦେଖା ଖୁବ୍ କମ୍ ଦିନର। ମୁଁ କାମରେ ଯୋଗଦେବା ସମୟକୁ ତରଣୀ ସେତେବେଳକୁ ପୁଲିସ୍ ଚାକିରି ଲାଗି ଯୋଗ୍ୟ ବିବେଚିତ ହୋଇଗଲେଣି। ତାଲିମ୍ ନେବାକୁ ହାତରେ ଆଉ କେଇଟା ଦିନ ବାକି। ମାତ୍ର ତରଣୀ ରତାଟିକିରି ସ୍କୁଲକୁ ଆସି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା ଦିଗରେ ନିୟୋଜିତଥାନ୍ତି। କାମରେ ଭାରି ନମ୍ର ଓ ଆନ୍ତରିକ ତରଣୀ। ଦିନେ ଦି'ଦିନ ପରେ ତରଣୀ ତାଲିମ୍ ନେବାକୁ ଚାଲିଗଲେ। ଆରକ୍ଷୀ ବାହିନୀର ଶୃଙ୍ଖଳା ଭିତରେ ତାଙ୍କୁ ପାଇବା ମୋ' ଲାଗି କଷ୍ଟକର ଥିଲା। ମାତ୍ର ଆମେ ଦୁହେଁ ଦିନେ ପରସ୍ପରକୁ ଫୋନ୍‌ରେ ପାଇଲୁ ଖୁବ୍ ଅଳ୍ପ ସମୟ ଲାଗି। କେଇପଦ କଥାରେ ସମୟତକ ସରିଆସୁଥାଏ ତରଣୀଙ୍କର। ତରଣୀ କହୁଥିବାବେଳେ ମୋ ଖାତା ଓ କଲମ ଯେତକ ପାରିଲେ ଲେଖିରଖିଥିଲେ। ତା'ପରେ ଆଉ ଯୋଗାଯୋଗ ହୋଇପାରିଲା ନାହିଁ।

କୋରାପୁଟ କି ଭୁବନେଶ୍ୱରରେ ରହିଥିବେ। ଘରକୁ କିମ୍ବା ସାଙ୍ଗ ସାଥୀଙ୍କ ସହ ଯୋଗାଯୋଗ କରିବାପାଇଁ ଦାପ୍ତରିକ ଅନୁମତି ଦିଆଯିବ ନାହିଁ ବୋଲି ତରଣୀ କହୁଥିଲେ।

କାମରୁ ଛୁଟି ପାଇଲେ ମୁଁ ରାତଟିକିରିର ମୁହଁ ଶୁଖିଲା ସ୍କୁଲ ଘରଟିକୁ ବାରବାର ଚାହୁଁଥାଏ। ତରଣୀଙ୍କର ଚଞ୍ଚଳ ଓ କ୍ରିୟାଶୀଳ ଚେହେରାଟି ବେଳେବେଳେ ମୋ ଆଖିରେ ଧରାଦିଏ। କ୍ଲୋରୋଫିଲ୍‌ର ଐକାନ୍ତିକ ନିଷ୍ଠାପର କର୍ମୀଙ୍କ ମଧ୍ୟରୁ ତରଣୀ ଅନ୍ୟ ଜଣେ କର୍ମୀ। ତାଙ୍କୁ ଆମେ କେବେ ମଧ୍ୟ ଭୁଲିପାରିବୁ ନାହିଁ। ସୁନାରିଗୁଡାର ସୁନାମୁଣ୍ଡା ଖଣ୍ଡେ ତରଣୀଙ୍କୁ ଆମ ସମସ୍ତଙ୍କର ଅନେକ ଅନେକ ସୁନମନାସ।

◆

# ଏବେ କୋଳି ପାଚିଲାଣି



ବିଷମକଟକରୁ ଛାଇଛାଇକା ରାସ୍ତା ମାର୍କମାମନ୍ଦିର ଦେଇ ଆଗକୁ ଡେଇଁ ଡେଇଁ ଯାଇଛି। ହେଁ ଦୂର ଗଲେ ବାଆଁକାନି କିରିବିରି ଗାଆଁ। ଆଉ ଡାହାଣକାନି ଜାମ୍ବୁଗୁଡ଼ା ଗାଆଁ। ଗାଆଁରେ ସମୁଦାୟ ୭୫/୮୦ ଘର। ହରିଜନ ଋରି ପାଞ୍ଚ ଘର। ବଳକା ଘର ଦୁଇ ଜନସମୁଦାୟଙ୍କ ଘର। ଗାଆଁ ଶେଷକାନିରେ ସ୍କୁଲ। ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ସମୁଦାୟ ଦଶ / ଏଗାର ସରିକ ପିଲା। ଜଣେ ହିଁ ଶିକ୍ଷକ - ଶ୍ରୀଯୁକ୍ତ ବିଭୀଷଣ କାଣ୍ଡାମାକା। ପ୍ରଥମ ଶ୍ରେଣୀରେ ଜଣେ, ଦ୍ୱିତୀୟ କେହି ନାହାନ୍ତି, ତୃତୀୟରେ ଚାରିଜଣ, ଚତୁର୍ଥରେ ତିନି ଜଣ, ପଞ୍ଚମରେ ତିନିଜଣ। ଜାମ୍ବୁଗୁଡ଼ା ଗାଆଁ ସମୁଦାୟ ଦୁଇ ସାହିରେ ବିଭକ୍ତ ନୂଆସାହି ଓ ପୁରୁଣା ସାହି।

ନୂଆ ସାହିରେ ୮ ନରି କାଡ୍ରାକାଙ୍କ ଘର। ସ୍ତ୍ରୀ ସରସ୍ୱତା କାଡ୍ରାକା। ନରି କାଡ୍ରାକା ଛଅସାତ ବର୍ଷ ହେଲାଣି ଖରାପ ହୋଇଗଲେଣି। ନରି କାଡ୍ରାକାଙ୍କ ପୁଅ ଝିଅ ମିଶି ସାତ ଜଣ। ବଡ଼ପୁଅ ମନୋଜ (+୨) ପରୀକ୍ଷା ଦେଇଛି। ସବାବଡ଼ ଝିଅ ରୀନା। ଦଶମ ପଢ଼ି ଛାଡ଼ିଦେଲା। ରୀନା ବେଳେବେଳେ କୁଲିଭୂତି କରିବାକୁ ଯାଏ। ଏବେ ଆଉ ଯାଉ ନାହିଁ। ସରସ୍ୱତୀ ପାଖ ଆଖ ଗାଆଁକୁ କାମ କରିବାକୁ ଯାଉଛନ୍ତି। ମଜୁରୀ ଦିନକୁ ଟ.୧୫୦.୦୦



(ଏକଶତ ପଋଶଟଙ୍କା ମାତ୍ର)। ମନୋଜ ତଳେ ଟଙ୍କଧର ଓ ଅରିନ୍ଦମ୍। ଦୁହେଁ ଯାକ ପଞ୍ଚମ ପରେ ଆଉ ପଢ଼ିଲେ ନାହିଁ। ସବା ସାନର ନାଆଁ କଳ୍ପନା। ବାପା ଖରାପ ହୋଇଯାଇଛି କଳ୍ପନା ଏକଥା ଜାଣି ନାହିଁ। କଳ୍ପନାର ଜ୍ଞାନ ହେବା ଆଗରୁ ନରି ଆଉ ସଂସାରରେ ନଥିଲେ। ଗାଆଁ ସ୍କୁଲରେ କଳ୍ପନା ପ୍ରଥମରୁ ପଞ୍ଚମ ଯାଏ ପଢ଼ିଛି ଏବଂ ଆମ ଶିକ୍ଷଣ କେନ୍ଦ୍ରକୁ ଆସିବାରେ ସେ ନିୟମିତ। ଶିକ୍ଷଣ କେନ୍ଦ୍ରର ଶିକ୍ଷାସାଥୀ ଭଉଣୀ କଳାବତୀ ଓ ଲୀଳାବତୀ କଳ୍ପନାର ଆଗ୍ରହକୁ ବାରିନେଇ ବିଶେଷ ପ୍ରକାରେ ଗୁରୁତ୍ୱ ଦେଇଥିଲେ। ତେଣୁ କଳ୍ପନା ଆଦର୍ଶ ବିଦ୍ୟାଳୟ ଲାଗି ମନୋନୀତ ହୋଇପାରିଥିଲା। କିନ୍ତୁ ଆଦର୍ଶ ବିଦ୍ୟାଳୟରେ ଛାତ୍ରାବାସର ଅସୁବିଧା ଏବଂ ଦୈନିକ ଯିବା ଆସିବା ଖର୍ଚ୍ଚ ବାବଦକୁ ସର୍ବନିମ୍ନ ଟ.୪୦.୦୦ (ଋଳିଶ ଟଙ୍କା ମାତ) ଯୋଗାଡ଼ କରିବା ସରସ୍ୱତୀଙ୍କ ପକ୍ଷେ ଅସମ୍ଭବ ଥିବାରୁ ସେ ବାଧ ହୋଇ ଦୁର୍ଗୀସ୍ଥିତ କସ୍ତୁରବା ସେବାଶ୍ରମରେ କଳ୍ପନାର ନାଁ ଲେଖାଇଁ ଦେଇଛନ୍ତି। କଳ୍ପନା ସେଠାରେ ଏବେ ଷଷ୍ଠ ଶ୍ରେଣୀର ଛାତ୍ରୀ।

ଜାମ୍ବୁଗୁଡ଼ା ଗାଆଁର ଆଉ ଏକ ବାପ ଛେଉଣ୍ଡ ପିଲା। ରାଣୀ କ୍ରାଡ଼ାକା, ରାଣୀଙ୍କ ବାପା ହଳଧର କାଡ୍ରାକା ଋରି ବର୍ଷ ହେଲାଣି ଖରାପ ହୋଇଗଲାଣି। ହଳଧର କାଡ୍ରାକାଙ୍କ ସ୍ତ୍ରୀ ପାଲକାଡ୍ରାକା। ପାଲ ଓ ହାଲୁଙ୍କର ୪ ଝିଅ ଓ ଗୋଟେ ପୁଅ। ପୁଅ ବେଣୁଧର ପଞ୍ଚମ ପଢ଼ି ଋଷବାସ କରୁଛନ୍ତି। ବଡ଼ ଝିଅ ସୋବତୀ (+୩), ବିଷମକଟକରେ ପଢୁଛି। ତା' ତଳ ବିବତୀ (+୨) ପରୀକ୍ଷା ଦେଇଛି। ତା' ତଳ ସୁନୀତା ପଞ୍ଚମରୁ ପାଠ ଛାଡିଛି। ତା'ତଳ ରାନୀ ଦୁର୍ଗୀ କସ୍ତୁରବା ସେବାଶ୍ରମରେ ରହୁଛି।

ରୀନା କ୍ଷେତ୍ରରେ ମଧ ସେହି ସମାନ କାରଣ। ଗୋଟିଏ ରାସ୍ତାରେ ପଥରପରି ଠିଆ ହୋଇଛି। ଦୈନିକ ଯିବା ଆସିବା କରିବା ବାବଦକୁ ଭଡାଖର୍ଚ୍ଚ ୪୦/୫୦ ଟଙ୍କା କିଏ ଦେବ ?

ଜାମ୍ବୁଗୁଡ଼ା ଗାଆଁରେ ଚଳିତ ବର୍ଷ ଆଦର୍ଶ ସ୍କୁଲରେ ପାଇଥିବା ଅନ୍ୟ ଜଣେ ଝିଅ ହେଉଛନ୍ତି ରୂପାଲି କାଡ୍ରାକା। ବାପା-ଜାଗିଲି କାଡ୍ରାକା, ମାଆ-କମଳା କାଡ୍ରାକାଙ୍କ ୬ ଝିଅ ଓ ଗୋଟେ ପୁଅ।

ଅଞ୍ଜଳି କେଡ୍ରାକା (+୨), ମମିତା କାଡ୍ରାକା (+୨), ସୁମିତା କାଡ୍ରାକା (୬ଷ୍ଠ), ବନିତା କାଡ୍ରାକା (+୨), ମାମାଲି କାଡ୍ରାକା (୯ମ), ରୂପାଲି କାଡ୍ରାକା (୬ଷ୍ଠ), ନାଗେଶ କାଡ୍ରାକା (୧୦ମ)।

ମାମାଲି କାଡ୍ରାକା ଦୁର୍ଗୀ ଆଦର୍ଶ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ରୀ। ରୂପାଲି ଯଦିଚ ଦୁର୍ଗୀ ଆଦର୍ଶ ବିଦ୍ୟାଳୟରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ବିବେଚିତ ହୋଇଥିଲା। ବାପା-ଜାଗିଲି କାଡ୍ରାକା ଦୈନିକ ଟ.୫୦.୦୦ ଦେବାକୁ ଆଉ ସାହସ ଜୁଟାଇ ନପାରି

ହାଟମୁନିଗୁଡ଼ା କନ୍ୟାଶ୍ରମରେ ରୂପାଲିର ନାଁ ଲେଖାଇ ଦେଇଛନ୍ତି। ରୂପାଲି ହାଟମୁନିଗୁଡ଼ା ସ୍କୁଲରେ ନାମ ଲେଖାଇଲା। କେତେ ଖୁସିରେ ରୂପାଲି ପାଠପଢ଼ିବାକୁ ଗଲା। ମାତ୍ର ମାସ ଅଧାରୁ ରୂପାଲି ଘରକୁ ଫେରିଆସିଲା। ଘର ଭିତରୁ ପଦାକୁ ଆଉ ବାହାରିଲା ନାହିଁ। ତା' ଦେହ ଖରାପ ବୋଲି ବାପା ଜାଗିଲି କାଡ୍ରାକା କହିଲେ। ପୁଣି ପାଣି ପିଇବା ବେଳେ ଭୂତ ଦେଖିଛି ବୋଲି କହିଲେ। ରୂପାଲି ଆଉ ସ୍କୁଲ ଗଲା ନାହିଁ ଯେ ଗଲାନାହିଁ। ଆଜି ପର୍ଯ୍ୟନ୍ତ ରୂପାଲି ଘରେ ରହିଛି। ଏଇ ଦୁଇ ଚାରି ଦିନ ତଳେ ଜାମ୍ବୁଗୁନା ଗାଆଁ ଯାଇଥିଲି। ରୂପାଲିକୁ ଖୋଜିଲି। ତାଙ୍କ ଘର ଆଗରେ ଠିଆ ହୋଇ ରୂପାଲି, ରୂପାଲି ଡାକ ଛାଡିଲି। ହସି ହସି ଦଉଡ଼ି ଆସିଲା ରୂପାଲି। ପାଦ ଛୁଇଁ ନମସ୍କାର କଲା। ତୁ' ଆଉ ପଢିଲୁ ନାହିଁ କହି ରୂପାଲି ମୁହଁକୁ ଅନାଇଥାଏ। ହସ ହସ ରୂପାଲି ମୁହଁ ଭିତରେ ଲୁହଝରା ରୂପାଲିର ମୁହଁ ଉକୁଟି ଉଠୁଥାଏ। କାହିଁକି କ'ଣ ଓ କିପରିର ଉତ୍ତର ଚିହ୍ନ ହୀନ ବଇଶାଖର ତାତି କ୍ଳାନ୍ତି ବଣ କପୋତ ପରି ଉଡ଼ି ଉଡ଼ି ଉଲିଯାଉଥାଏ। ରୂପାଲି ଟିକି ଝିଅ ମୋ'ର, ଆଜି ବି ସ୍କୁଲ ନଯାଇ ଘରେ ରହିଯାଇଛି।

◆